R.N.I. REGN. No. 65000/96 POSTAL REGN. No. OR/BN-32/12-14

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 10, 11 Oct 2024, Friday,Bhubaneswar, Price: 5.00 Online Portal-www.odishasamaya.com, samayaepaper.com, odishasamaya, thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur




## ହାନ୍‌କାଙ୍ଗଙ୍କୁ ସାହିତ୍ୟରେ ନୋବେଲ

ନୂଆଦିଲ୍ଲୀ, ୧୦।୧୦ : ସାହିତ୍ୟ କ୍ଷେତ୍ରରେ ୨୦୨୪ ଲାଗି ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ରୟାଲ ସ୍ୱିଡେନ୍ ଏକାଡେମୀ ଅଫ୍ ସାଇନ୍ସ ଅନୁଯାୟୀ ଚଳିତ ବର୍ଷ ଦକ୍ଷିଣ କୋରିଆର ଲେଖକ ହାନ୍‌କାଙ୍ଗଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ୧୯୭୦ ମସିହାରେ ଦକ୍ଷିଣ କୋରିଆର ଗୁଆଙ୍ଗୋଜୁ ସହରରେ (୯ ପୃଷ୍ଠାରେ)

# ପୁରପଲ୍ଲୀ ଉତ୍ସବମୁଖର

ଭୁବନେଶ୍ୱର, ୧୦।୧୦ (ସବ୍ୟୁ) : ମା' ଜଗତ୍‌ଜନନୀଙ୍କ ଧରାପୃଷ୍ଠକୁ ଆଗମନ ପରେ ପୁରପଲ୍ଲୀ ଏବେ ଉତ୍ସବମୁଖର ହୋଇଛି । ସୁସଜ୍ଜିତ ମଣ୍ଡପ ଓ ବିଭିନ୍ନ ଢ଼ାଞ୍ଚାରେ ନିର୍ମିତ ସୁସଜ୍ଜିତ ତୋରଣ ଏବେ ବେଶ୍ ଆକର୍ଷଣୀୟ ହୋଇଛି । ଆସନ୍ତାକାଲି ମହାମାୟାଙ୍କ ଅଷ୍ଟମୀ ପୂଜା ମଣ୍ଡପରେ ଅନୁଷ୍ଠିତ ହେବ । ଶ୍ରଦ୍ଧାଳୁଙ୍କ ଭିଡ଼ ଏବେ ଚାରିଆଡ଼େ ପରିଲକ୍ଷିତ ହେଉଛି । କ୍ରିଷ୍ଟାଲ କ୍ରିଷ୍ଟାଲ ରୁପା ଓ ସୁନାରେ ମା' ସୁସଜ୍ଜିତ ମେଢ଼ରେ ଶୋଭା ପାଉଛନ୍ତି । ମା'ଙ୍କ ଦର୍ଶନ ଲାଗି ମଣ୍ଡପରେ (୯ ପୃଷ୍ଠାରେ)



# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରତନ ଟାଟାଙ୍କ ଶେଷକୃତ୍ୟ

ନୂଆଦିଲ୍ଲୀ, ୧୦।୧୦ : ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ଅନ୍ତିମ ସଂସ୍କାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପୂର୍ଣ୍ଣ ହୋଇଛି । ମୁମ୍ବାଇର ୱର୍ଲି ଶ୍ମଶାନରେ ତାଙ୍କ ପାର୍ଥିବ ଶରୀର ଆଜି ପଞ୍ଚଭୂତରେ ଲୀନ ହୋଇଛି । ୮୬ ବର୍ଷ ବୟସରେ ଗତକାଲି ତାଙ୍କର ଦେହାନ୍ତ ହୋଇଥିଲା । ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ମୁମ୍ବାଇର ଏନ୍‌ସିପିଏ ଗ୍ରାଉଣ୍ଡରେ ତାଙ୍କ ମରଶରୀରକୁ ରଖାଯାଇଥିଲା । ମହାରାଷ୍ଟ୍ର ସରକାର ଦିନିକିଆ ଶୋକ ଘୋଷଣା କରିବା ସହ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କ ଅନ୍ତିମ ସଂସ୍କାର ଲାଗି ଘୋଷଣା କରିଥିଲେ । ସେ ପାର୍ଶୀ ସମ୍ପ୍ରଦାୟର ହୋଇଥିଲେ (୯ ପୃଷ୍ଠାରେ)











# ଚିର ନିଦ୍ରାରେ ଭାରତର ରତନ



ଆଉ ନାହାନ୍ତି ଭାରତର ଶିଳ୍ପରତ୍ନ ନାମରେ ଜଣା ଶୁଣା ସମସ୍ତଙ୍କର ପ୍ରିୟ ରତନ ନାଭାଲ ଟାଟା । ୮୬ ବର୍ଷରେ ବାର୍ଦ୍ଧକ୍ୟ ଜନିତ ସମସ୍ୟାରୁ ଚିର ଦିନ ପାଇଁ ଆଖି ବୁଜିଛନ୍ତି ଟାଟା ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା । ୧୯୯୧ଠାରୁ ଟାଟା ଗ୍ରୁପର ଅଧ୍ୟକ୍ଷ ରହିଥିବାବେଳେ ନିକଟରେ ସେବା ନିବୃତ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ରତନ ଟାଟା, ଟାଟା ଗ୍ରୁପକୁ ବେଶ୍ ଆଗକୁ ନେଇଛନ୍ତି । ଟାଟା ଗ୍ରୁପକୁ ସାରାବିଶ୍ୱରେ ଏକ ଆଗଧାଡିର ଅନୁଷ୍ଠାନ ଭାବେ ସାମିଲ କରିବାରେ ତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ତାଙ୍କ ମୃତ୍ୟୁରେ ଭାରତର ବ୍ୟବସାୟିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଛି । ସେ ଅନେକ ଲୋକଙ୍କର ପ୍ରେରଣା ସହିତ ମେଣ୍ଟର ଭାବେ କାର୍ଯ୍ୟ କରିଛନ୍ତି । ସେ ଅନେକ ଯୁବ ପିଢିଙ୍କୁ ସବୁ ମୂହୁର୍ତ୍ତରେ ପ୍ରେରିତ କରିଥାଆନ୍ତି । ତାଙ୍କ ଜୀବନ ଯେପରି ଅନେକଙ୍କ ପାଇଁ ଏକ ପ୍ରେରଣାର ବହି । ଅନେକ ଲୋକ ତାଙ୍କ ଜୀବନରୁ ବହୁତ କିଛି ଶିଖି ଆଗକୁ ବଢିଥାଆନ୍ତି । ରତନ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦଜୀ ଟାଟାଙ୍କର ନାତି ଥିଲେ । ରତନଙ୍କୁ ମାତ୍ର ସାତ ବର୍ଷ ଓ ତାଙ୍କ ସାନଭାଇ ଜିମିଙ୍କୁ ପାଞ୍ଚ ବର୍ଷ ହୋଇଥିବା ବେଳେ ୧୯୪୦ ଦଶକର ମଧ୍ୟଭାଗରେ ତାଙ୍କ ପିତାମାତାଙ୍କ ବିଚ୍ଛେଦ ଘଟିଥିଲା । ଏହାପରେ ତାଙ୍କ ବାଲ୍ୟଜୀବନ କଷ୍ଟମୟ ଥିଲା । ମା' ଛାଡି ଚାଲି ଯିବାପରେ ଦୁଇଭାଇଙ୍କର ପ୍ରତିପାଳନ ଜେଜେମା ନଭଜବାଇଙ୍କଦ୍ୱାରା ହୋଇଥିଲା । ଏହାପରେ ରତନ ଟାଟା ନିଜର ପାଠ ପଢା ଆମେରିକାରେ ସାରିଥିଲେ । ପାଠପଢା ସରିବା ପରେ ସେ ଟାଟା ଗ୍ରୁପର ଦାୟିତ୍ୱ ସମ୍ଭାଳିବା ଆରମ୍ଭ କରିଥିଲେ । ଟାଟାକୁ ଘରେଘରେ ଏକ ପରିଚିତ ବ୍ରାଣ୍ଡ୍ ଭାବେ ପହଞ୍ଚାଇବାରେ ତାଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଜୀବନ କାଳ ମଧ୍ୟରେ ସେ ଅନେକ ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି । ୨୦୦୦ ମସିହାରେ ପଦ୍ମ ଭୂଷଣ ଏବଂ ୨୦୦୮ ମସିହାରେ ପଦ୍ମ ବିଭୂଷଣ ତଥା ୨୦୧୨ ମସିହାରେ ରକଫେଲାର ଫାଉଣ୍ଡେସନଦ୍ୱାରା ଆଜୀବନ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା । ସେ ମଧ୍ୟ ଭାରତର ସର୍ବାଧିକ ଶକ୍ତିଶାଳୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପରିଚିତ । କିଛି ଦିନ ପୂର୍ବରୁ ତାଙ୍କ ଅସୁସ୍ଥତା ନେଇ ଆଲୋଚନା ହେବା ପରେ ସେ ନିଜେ ଏହାକୁ ଏକ ସୋସିଆଲ ମିଡ଼ିଆ ବାର୍ତ୍ତାରେ ଖଣ୍ଡନ ମଧ୍ୟ କରିଥିଲେ । ହେଲେ ଭାଗ୍ୟର ନିଷ୍ପତ୍ତି କିଛି ଅଲଗା ଥିଲା । ଏହି ଆଲୋଚନାର କିଛି ଦିନ ପରେ ଅର୍ଥାତ ୯ ତାରିଖରେ ହିଁ ତାଙ୍କର ପ୍ରାଣହାନି ଘଟିଛି । ତାଙ୍କ ମୃତ୍ୟୁରେ ସମଗ୍ର ଦେଶରେ ଶୋକ ଦେଖିବାକୁ ମିଳିଛି । ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ବିଷିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି। ସମଗ୍ର ବିଶ୍ୱରେ ତାଙ୍କ ମୃତ୍ୟୁରେ ବରିଷ୍ଠ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି । ଟାଟା ଗ୍ରୁପ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।





ବିଶେଷ ମୁହୂର୍ତ୍ତରେ ରତନ ଟାଟା

## ସୋସିଆଲ କୋଟ୍ସ



ରତନ ଟାଟା ମୋ ପାଇଁ ପର୍ସନାଲ ହିରୋ ଥିଲେ । ତାଙ୍କ ପାଖରୁ ଅନେକ କିଛି ଶିଖିଛି । ଦେଶ ପାଇଁ ସେ କରିଥିବା ଯୋଗଦାନ ସବୁବେଳେ ମନେ ରହିବ ।

**କମଲ ହାସନ, ଅଭିନେତା**



ଦେଶପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କ ମୃତ୍ୟୁ ମୋତେ ଖୁବ କଷ୍ଟ ଦେଇଛି ।

**ସଲମାନ ଖାନ୍, ଅଭିନେତା**



ରତନ ଟାଟାଙ୍କ ମୃତ୍ୟୁରେ ଶିଳ୍ପ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି । ସେ କେବଳ ଯେ ସଫଳ ଶିଳ୍ପପତି ତାହା ନୁହେଁ ବେଶ୍ ଭଲ ହୃଦୟର ବ୍ୟକ୍ତି ମଧ୍ୟ ।

**ଜୁନିଅର ଏନ୍‌ଟିଆର୍, ଅଭିନେତା**

## ଇତିହାସ

୧୭୩୭– କୋଲକାତାରେ ବାତ୍ୟା କାରଣରୁ ପ୍ରାୟ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ।

୧୮୫୨– ଅଷ୍ଟ୍ରେଲିଆ ମହାଦ୍ୱୀପର ପ୍ରଥମ ବିଶ୍ୱବିଦ୍ୟାଳୟ ସିଡ୍‌ନୀ ୟୁନିଭର୍ସିଟିର ସ୍ଥାପନା ।

୧୮୬୨– ବୈଜ୍ଞାନିକ ଥୋମାସ ଅଲବା ଏଡିଶନ୍ ଭୋଟ୍ ଗଣନା ପାଇଁ ଇଲେକ୍‌ଟ୍ରିକ୍ ଭଏସ୍ ମେସିନ୍‌ର ପେଟେଣ୍ଟ ହାସଲ କଲେ ।

୧୮୬୯– କାନାଡାରେ ବ୍ରିଟିଶ ସେନା ବିପକ୍ଷରେ ଲାଲ ନଦୀ ବିଦ୍ରୋହ ଆରମ୍ଭ ।

୧୮୮୧– ଡେଭିଡ୍ ହୁଷ୍ଟନ କ୍ୟାମେରା ପାଇଁ ଫିଲ୍ମ ରୋଲ୍‌ର ପେଟେଣ୍ଟ କରାଇଲେ ।

୧୯୧୧– ସ୍ୱାମୀ ବିବେକାନନ୍ଦଙ୍କ ସହଯୋଗୀ, ଶିକ୍ଷିକା ତଥା ସମାଜସେବିକା ସିଷ୍ଟର ନିବେଦିତାଙ୍କ ପରଲୋକ ।

୧୯୮୭– ଶ୍ରୀଲଙ୍କାରେ ଭାରତୀୟ ଶାନ୍ତି ସେନା ତରଫରୁ ଅପରେସନ୍ ପବନ ଶୁଭାରମ୍ଭ ।

୧୯୪୨– ବଲିଉଡ୍ ଇଣ୍ଡଷ୍ଟ୍ରୀର ମହାନାୟକ ଅମିତାଭ ବଚ୍ଚନଙ୍କ ଜନ୍ମ ।

## ଲାହୋରୀ ଚିକେନ୍



**ସାମଗ୍ରୀ–** ୫୦୦ ଗ୍ରାମ ଚିକେନ୍, ଗୋଟିଏ ବଡ କଟା ପିଆଜ, କଞ୍ଚାଲଙ୍କା, ଟମାଟୋ, ଅଦା ରସୁଣ ପେଷ୍ଟ, ଜୀରା,ହଳଦୀ, ଲଙ୍କା ଗୁଣ୍ଡ, ଗରମ ମସଲା, କସୁରୀ ମେଥି, ଧନିଆ ପାଉଡର, ଦହି, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଜୀରା ଫୁଟାଇ ପିଆଜକୁ ବ୍ରାଉନ୍ କଲର ହେବା ଯାଏ ଭାଜନ୍ତୁ । ବର୍ତ୍ତମାନ ଏଥିରେ ଅଦାରସୁଣ ପେଷ୍ଟ ପକାନ୍ତୁ । ଅଦା ରସୁଣ ଅଳ୍ପ ଭାଜିବା ପରେ ଏଥିରେ କଞ୍ଚା ଲଙ୍କା, ଟମାଟୋ ପକାଇ ରାନ୍ଧନ୍ତୁ । ଟମାଟୋ ନରମ ହେବା ପରେ ଏଥିରେ ହଳଦୀ, ଲୁଣ, ଧନିଆ ପାଉଡର ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଚିକେନ ପକାଇ ଘାଣ୍ଟନ୍ତୁ । ଚିକେନ୍ ରାନ୍ଧି ହେବା ପରେ ଏଥିରେ ଅଳ୍ପ କସୁରୀ ମେଥୀ ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଲାହୋରୀ ଚିକେନ୍ ।

## ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ

ପ୍ରତିବର୍ଷ ୧୧ ଅକ୍ଟୋବରରେ ପାଳନ ହୋଇଥାଏ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ । ଏହାକୁ ସଂଯୁକ୍ତ ଗଣରାଜ୍ୟଦ୍ୱାରା ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା । ସମଗ୍ର ବିଶ୍ୱରେ ଝିଅମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଯେପରି ଲିଂଗଗତ ଅସମାନତା ,ଶିକ୍ଷା ଅଧିକାର, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୁଦ୍ଧରେ ସଚେତନତା କରିବା ଏହାର ମୂଳ ଲକ୍ଷ । ଏହା ବ୍ୟତିତ ଶିକ୍ଷା, ପୋଷଣ, କାନୁନ କ୍ଷେତ୍ରରେ ଅଧିକାର, ଚିକିତ୍ସା, ଦେଖାରେଖା, ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ବାଲ୍ୟ ବିବାହ ପରି ମାମଲାରେ କନ୍ୟାମାନଙ୍କୁ ସୁରକ୍ଷା ଯୋଗାଇଦେବା ଏହାର ଉଦ୍ଦେଶ୍ୟ । ଏହା ପୁରା ଦୁନିଆରେ ଝିଅମାନଙ୍କ ସମ୍ମୁଖରେ ଆସୁଥିବା ମାମଲା ବିଷୟରେ ସଚେତନା ସୃଷ୍ଟି କରାଇଥାଏ । କନ୍ୟା ଦିବସ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ, ଏହା ସହିତ କନ୍ୟାମାନଙ୍କ ଅସୁବିଧାର ସମାଧାନ କିପରି ହୋଇପାରିବ ତାହାକୁ ମଧ୍ୟ ଧ୍ୟାନ ଦିଆଯାଇଥାଏ ।



## ଗରିବଙ୍କ ତାଜମହଲ



ତାଜମହଲ କଥା ପଡିଲେ ସମସ୍ତଙ୍କ ମୁଣ୍ଡକୁ ଆସେ ଦିଲ୍ଲୀର ତାଜମହଲ । ହେଲେ କେବଳ ଶାହଜାହାଁ ନୁହେଁ, ଉତ୍ତରପ୍ରଦେଶର ଆଉଜଣେ ବ୍ୟକ୍ତି ମଧ୍ୟ ତାଙ୍କ ଭଲପାଇବାକୁ ଜୀବନ୍ତ କରିବାକୁ ତାଜମହଲର ନିର୍ମାଣ କରିଛନ୍ତି । ଏହି ତାଜମହଲଟି ଦେଖିବାକୁ ଅବିକଳ ଆଗ୍ରା ତାଜମହଲ ଭଳି । ଉତ୍ତରପ୍ରଦେଶର ବୁଲନ୍ଦସହରରେ ରହିଛି ଏହି ତାଜମହଲଟି । ଏଠାକୁ ସ୍ଥାନୀୟ ଲୋକମାନେ ଗରିବଙ୍କ ତାଜମହଲ ବୋଲି ସମ୍ବୋଧନ କରାଯାଇଥାଏ । ଏହି ତାଜମହଲକୁ ଜଣେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ନିର୍ମାଣ କରିଛନ୍ତି । ହେଲେ ତାଜମହଲରେ ଦିଲ୍ଲୀର ତାଜମହଲ ଭଳି ମାର୍ବଲ କାମ କରାଯାଇପାରିନାହିଁ । ସୂଚନା ଅନୁସାରେ ପୋଷ୍ଟମାଷ୍ଟର ୨୦୧୪ରେ ଦୁଇବର୍ଷ ଲାଗି ଏହାର ନିର୍ମାଣ ଜାରି ରଖିଥିଲେ । ସେ ଏହି ବାବଦରେ ୨୩ ଲକ୍ଷ ଖର୍ଚ୍ଚ କରିବା ପରେ ତାଙ୍କ ପାଖରୁ ଅର୍ଥ ଖାଲି ହୋଇଯାଇଥିଲା । ତେବେ କାମ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ଆହୁରି ୧୦ ଲକ୍ଷର ଆବଶ୍ୟକତା ଥିଲା । ସେ ଏହାକୁ ନିଜ ସ୍ତ୍ରୀଙ୍କ ପାଇଁ ନିର୍ମାଣ କରୁଥିଲେ । ଏହି କଥା ଜଣା ପଡିବା ପରେ ସେତେବେଳର ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ତାଙ୍କୁ ଏହି ତାଜମହଲକୁ ପୂର୍ଣ୍ଣ କରିବାକୁ ଅର୍ଥ ସହଯୋଗ ଦେବାପାଇଁ କହିଥିଲେ, ହେଲେ ସେ ମନା କରିଥିଲେ । ସେ ଏହାବଦଳରେ ସ୍ଥାନୀୟ ଅଞ୍ଚଳରେ ଝିଅପିଲାଙ୍କ ପାଇଁ ଏକ କଲେଜ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ପୋଷ୍ଟମାଷ୍ଟରଙ୍କ ପରାମର୍ଶରେ ସେଠାରେ ଏକ କଲେଜ ନିର୍ମାଣ ମଧ୍ୟ ହୋଇଛି, ଯାହା ଏବେ କାର୍ଯ୍ୟକ୍ଷମ ରହିଛି । ହେଲେ ତାଙ୍କ ସ୍ୱପ୍ନ ଅଧୁରା ରହିଗଲା । ତାଙ୍କ ମୃତ୍ୟୁ ପରେ ବୃଦ୍ଧଙ୍କୁ ତାଙ୍କ ସ୍ତ୍ରୀଙ୍କ ନିକଟରେ କବର ଦିଆଯାଇଥିଲା । ବର୍ତ୍ତମାନ ଏହି ସ୍ଥାନଟି ସେଠିକାର ମୁଖ୍ୟ ପର୍ଯ୍ୟଟନ ସ୍ଥାନ ପାଲଟିଛି । ପ୍ରତିବର୍ଷ ଅନେକ ଲୋକ ଏଠାକୁ ବୁଲିବାକୁ ଆସନ୍ତି ।

## ବିଗ୍‌ବସ୍ ଟ୍ରଫି ପାଇଁ ରେଡି



ଆରମ୍ଭ ହୋଇଛି ଟେଲି ଦୁନିଆର ସବୁଠାରୁ ପପୁଲାର ରିଆଲିଟି ଶୋ' ବିଗ୍‌ବସ୍ । ଯାହାକୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଛି । ଏଥିରେ ଭାଗନେବା ପୂର୍ବରୁ ପ୍ରତିଯୋଗୀମାନେ ସମସ୍ତେ ନିଜର ପ୍ରସ୍ତୁତି ବିଷୟରେ କଥା ହୋଇଛନ୍ତି, ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସେହିଭଳି ଜଣେ ପ୍ରତିଯୋଗୀ ହେଲେ ଅଭିନେତ୍ରୀ ଶ୍ରୁତିକା ଅର୍ଜୁନ । ସେ ମଧ୍ୟ ଚଳିତ ସିଜିନ୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିବାରୁ ଦେଖିବାକୁ ମିଳିବେ। ସେ ବିଗ୍‌ବସ୍ ହାଉସ୍‌କୁ ଯିବା ଆଗରୁ ଦେଇଥିବା ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସେ ବିଗ୍‌ବସ୍ ପାଇଁ ଖୁବ ଭଲଭାବେ ପ୍ରସ୍ତୁତ ହୋଇଯାଉଥିବା ପ୍ରକାଶ କରିଥିଲେ । ଏହି ଗେମ୍‌ରେ ସେ କେବଳ ନିଜ ମନରୁ ଖେଳିବେ ଏବଂ କୌଣସି ସମ୍ପର୍କର ଫାଇଦା ଉଠାଇବେ ନାହିଁ ବୋଲି ମତ ଦେଇଛନ୍ତି । ସେହିଭଳି ସଲମାନଙ୍କ ସହିତ କାମ କରିବା ତାଙ୍କର ଏକ ଡ୍ରିମ୍ ଯାହା ସତ ହେବାକୁ ଯାଉଛି, ସେଥିପାଇଁ ସେ ବେଶ୍ ଏକ୍ସସାଇଟେଡ୍ ଥିବା ପ୍ରକାଶ କରିଛନ୍ତି । ତେବେ ପ୍ରଥମଥର ପାଇଁ ନିଜ ପରିବାର ଠାରୁ ଦୂରକୁ ଯାଉଥିବାରୁ ଟିକେ ଦୁଃଖୀ ଥିବା ସେ ପ୍ରକାଶ କରିଛନ୍ତି । ହେଲେ ଏହି ସୁଯୋଗକୁ ସେ ଖୁବ ଭଲଭାବେ ବ୍ୟବହାର କରିବେ ଏବଂ କ୍ୟାରିୟରରେ ଆଗକୁ ବଢିବେ ବୋଲି ପ୍ରକାଶ କରିଛନ୍ତି । ଏହାସହ ବିଗ୍ ବସ୍‌ର ଟ୍ରଫି ଘରକୁ ଆଣିବେ ବୋଲି ଶ୍ରୁତିକା ବିଗ୍‌ବସ୍ ହାଉସ୍‌କୁ ଯିବା ଆଗରୁ ମତ ଦେଇଛନ୍ତି ।

# ସ୍ତନ କର୍କଟ ନିମନ୍ତେ ସମ୍‌ରେ ବ୍ରାକିଥେରାପି ଚିକିତ୍ସା ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ସ୍ତନ କର୍କଟ ରୋଗୀଙ୍କ ନିମନ୍ତେ ଅତ୍ୟାଧୁନିକ ଓ ପ୍ରଭାବଶାଳୀ ଚିକିତ୍ସା ଇନ୍‌ଟରଷ୍ଟିସିଆଲ୍ ଇମ୍ପ୍ଲାଂଟ ବ୍ରାକିଥେରାପି ଏବେ ସ୍ଥାନୀୟ ସମ୍ ଅଲ୍‌ଟିମେଟ ମେଡିକେୟାରରେ ଉପଲବ୍ଧ। ଇନ୍‌ଟରଷ୍ଟିସିଆଲ୍ ବ୍ରାକିଥେରାପି ଏକ ଆଭ୍ୟନ୍ତରୀଣ ବିକୀରଣ ପ୍ରକ୍ରିୟା ଯେଉଁଥିରେ କି ଛୋଟ ଛୋଟ ରେଡିଓଆକ୍ଟିଭ୍ ଉତ୍ସଗୁଡ଼ିକୁ ଟ୍ୟୁମରର ଚିକିତ୍ସା ପାଇଁ ଖାଯାଇଥାଏ। ବର୍ତ୍ତମାନ ସ୍ତନ କର୍କଟ ହେଉଛି ମହିଳାମାନଙ୍କ ଠାରେ ଦେଖାଯାଉଥିବା ଏକ ସାଧାରଣ କର୍କଟ ରୋଗ। ଏହାର ଚିକିତ୍ସା ପାଇଁ ସାଧାରଣତଃ ଅସ୍ତ୍ରୋପଚାର, ବିକିରଣ ଚିକିତ୍ସା, କେମୋଥେରାପି ଓ ହର୍‌ମୋନଥେରାପିର ସାହାଯ୍ୟ ନିଆଯାଇଥାଏ। ବିକିରଣ ଚିକିତ୍ସା ବା ରେଡିଓଥେରାପି ବିଗତ ୧୦୦ବର୍ଷ ଧରି ଏକ ନିରାପଦ, ପ୍ରମାଣିତ,




ବହୁଳଭାବେ ବ୍ୟବହୃତ ଓ ସ୍ୱଳ୍ପ ଖର୍ଚ୍ଚ ସାପେକ୍ଷ କର୍କଟ ଚିକିତ୍ସା ପଦ୍ଧତି ବୋଲି ସମ୍ ଅଲ୍‌ଟିମେଟ ମେଡିକେୟାରର ରେଡିଏସନ୍ ଅଙ୍କୋଲୋଜି ବିଭାଗର ସିନିୟର କନ୍‌ସଲଟାଂଟ ଡାକ୍ତର ଚିତ୍ତ ରଞ୍ଜନ ଖାଡଙ୍ଗା କହିଛନ୍ତି । ଡାକ୍ତର ଖାଡଙ୍ଗା କହିଛନ୍ତି ଯେ ବର୍ତ୍ତମାନ ଓଡିଶାରେ ପ୍ରଥମଥର ପାଇଁ ସମ୍ ଅଲ୍‌ଟିମେଟ ମେଡିକେୟାରରେ ସ୍ତନ କର୍କଟରେ ଏହି ବ୍ରାକିଥେରାପି ଚିକିତ୍ସା ସଫଳତାର ସହ କରାଯାଇପାରିଛି। ଜଣେ ୬୦ ବର୍ଷ ବୟସ୍କା ମହିଳା ଯିଏକି ସ୍ତନ କର୍କଟର ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ହୋଇଥିଲେ ତାଙ୍କର ଏହି ଚିକିତ୍ସା କରାଯାଇଛି। ଅସ୍ତ୍ରୋପଚାର ଦ୍ୱାରା କର୍କଟ ଦ୍ୱାରା ଆକ୍ରାନ୍ତ ଅଂଶକୁ ବାହାର କରାଯାଇ ତୁରନ୍ତ ଉକ୍ତ ଖାଲିସ୍ଥାନରେ (ଟ୍ୟୁମର୍ ବେଡ୍), ବ୍ରାକିଥେରାପିର ସୂକ୍ଷ୍ମନଳୀକୁ (ଫେକ୍ସିବୁଲ୍ କ୍ୟାଥିଟର୍) ଇମ୍‌ପ୍ଲାଂଟ୍ କରାଯାଇ, ପାଂଚଦିନ ନିମନ୍ତେ ଦିନକୁ ଦୁଇ ଥର ବ୍ରାକିଥେରାପି ଚିକିତ୍ସା କରାଯାଇଥିଲା। ଏହାପରେ ରୋଗୀ ସୁସ୍ଥ ହୋଇ ଘରକୁ ଯାଇପାରିଥିଲେ ବୋଲି ସେ କହିଛନ୍ତି ।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ଏସସିବିର ଡାଟା ଏଣ୍ଟ୍ରି ଅପରେଟର



କଟକ (ସବ୍ୟୁ) ଚିକିତ୍ସିତ ହେଉଥିବା ଜଣେ ରୋଗୀକୁ ମାଗଣାରେ ମିଳୁଥିବା ଔଷଧ ନ ଦେଇ ହଇରାଣ କରି ପଇସା ନେଇ ଔଷଧ ଦେଉଥିବା ଏସସିବି ମେଡ଼ିକାଲରେ କାର୍ଯ୍ୟରତ ଜଣେ ଡାଟା ଏଣ୍ଟ୍ରି ଅପରେଟର ପଡିଛି ଭିଜିଲାନ୍ସ ହାତରେ । ସଂପୃକ୍ତ ଡାଟା ଏଣ୍ଟ୍ରି ଅପରେଟର ଙ୍କ ନାମ ସ୍ମୃତି ରଞ୍ଜନ ସାହୁ । ତାଙ୍କ ଘର ଜଗତପୁର ଥାନା ଅନ୍ତର୍ଗତ କିଶିନାପୁର ଗ୍ରାମରେ ବୋଲି ଜଣା ପଡିଛି । ତାଙ୍କ ଠାରୁ ଭିଜିଲାନ୍ସ ଅଧିକାରୀ ମାନେ ୨୦୦୦ ଟଙ୍କାର ରାସାୟନିକ ବୋଳା ନୋଟ ଜବତ କରିଛି । ଅଭିଯୁକ୍ତ ରଶ୍ମି ହିପାଟୋଲଜୀ ବିଭାଗରେ ଡିଇଓ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ହେପାଟାଇଟିସ – ସି ରୋଗରେ ଆକ୍ରାନ୍ତ ରୋଗୀ ଠାରୁ ଏହି ଅର୍ଥ ଲାଞ୍ଚ ଆକାରରେ ଗ୍ରହଣ କରିଥିଲେ । ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଝଙ୍କଡ ଶାରଳା ପୀଠରେ ମହାଷ୍ଟମୀ ପାର୍ବଣ ପୂଜା



ତିର୍ତ୍ତୋଲ,(ସବ୍ୟୁ )ଓଡିଶାର ପ୍ରାଚୀନ ଶକ୍ତୀପୀଠ ଜଗତସିଂହପୁର ଜିଲ୍ଲାର କନକପୁର ଝଙ୍କଡ ଶାରଳାପୀଠରେ ମୁଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଶାରଦୀୟ ପାର୍ବଣ ପୂଜାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ୫୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା । ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ମାନେ ବହୁ ଦୁରାଦୁରାନ୍ତରରୁ ଆଣି ଆସିଥିବା ନୁଆ ଧାନରେ ପ୍ରସ୍ତୁତ ଚୁଡା ଆଣି ନିଜ ହାତରେ ପ୍ରସ୍ତୁତ କରି ଚୁଡାଘଷା ଭୋଗକୁ ମା'ଙ୍କ ଠାରେ ଭୋଗ ଲାଗି କରିଥିଲେ । ଏଥି ସହ ଶ୍ରଦ୍ଧାଳୁମାନେ ପଣ୍ଡା ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ମଣ୍ଡା ଓ କାକରା ଭୋଗକୁ ମଧ୍ୟ 'ମା'ଙ୍କ ନିକଟରେ ଭୋଗ ଲାଗି କରିଥିଲେ । ପ୍ରତ୍ୟୁଷରୁ 'ମା'ଙ୍କ ପହଡ ଖୋଲାଯିବାପରେ ଶ୍ରୀମୁଖ ପ୍ରକ୍ଷାଳନ ଓ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା । ପରେ ପରେ 'ମା'ଙ୍କୁ ମଧୁସ୍ନାନ କରାଯାଇଥିବାବେଳେ ସକାଳ ୭ଟା ବେଳେ ହଳଦୀଚୁଆଁ ମାର୍ଜନା ଓ ପଞ୍ଚାମୃତ ମାର୍ଜନା କରାଯାଇଥିଲା । ପରେ ସିଂହାରୀ ସେବକ ମାନେ 'ମା'ଙ୍କୁ ବେଶ ପିନ୍ଧାଇ ନାନା ଅଳଙ୍କାର ମଣ୍ଡିତ କରିଥିଲେ । ଦୈନିକ ପାଞ୍ଜିପାଠ ପରେ ସୂର୍ଯ୍ୟପୂଜା, ସମୁହ ଚଣ୍ଡିପାଠ, ଷୋଡଶ ଉପଚାର ପୂଜା ପରେ ପ୍ରଥମ ପ୍ରହର ଧୂପ ଓ ଦ୍ୱିତୀୟ ପ୍ରହର ଧୂପ ସରିବା ପରେ 'ମା'ଙ୍କ ପହଡ ପଡିଥିଲା । ଅପରାହ୍ନରେ ପହୁଡ ଖୋଲାଯିବା ପରେ ଚୁଆ ଚନ୍ଦନ ମାର୍ଜନା ନିତୀ ଅନୁଷ୍ଠିତ ହୋଇଥିଲା । ପରେ ସନ୍ଧ୍ୟା ଆରତୀ ସମୟରେ 'ମା' ମହିଷମର୍ଦ୍ଦିନୀ ବେଶ ଧାରଣ କରିଥିଲେ । ମା'ଙ୍କ ଏହି ବେଶ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ରାତ୍ର ୮ଟା ସମୟରେ ଶାରଳା ଦାସଙ୍କ ରଚିତ ଚଣ୍ଡିପୁରାଣ ପାଠ ଓ ରାତ୍ର ୧୦ଟାରେ ମା'ଙ୍କ ସଂପୂର୍ଣ୍ଣ ସୁନାବେଶ ସହ କାଳିକା ମନ୍ଦିର ବେଢା ପରିକ୍ରମା କରିଥିଲେ ।

# ବଡଚଣା ପୂର୍ତ୍ତ ଉପଖଣ୍ଡରେ ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା
## ବରୂହାଁ–ବାଲିଚନ୍ଦ୍ରପୁର ରାସ୍ତାରେ ଏକାଧିକ ଗୁପ୍ତ ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କା ଚଳୁ ଉଦ୍ୟମ

ଚଣ୍ଡିଖୋଲ ,(ସବ୍ୟୁ), ଯାଜପୁର ଜିଲ୍ଲାର ବଡ଼ଚଣା ପୂର୍ତ୍ତ ଉପଖଣ୍ଡ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି । ଉକ୍ତ ଉପଖଣ୍ଡ ଅଧିନ ବଡଚଣା ବ୍ଲକ ଅଞ୍ଚଳରେ ରହିଥିବା ବଡଚଣା–ବରୂହାଁ ରାସ୍ତା, ବଡଚଣା–ବାଲିଚନ୍ଦ୍ରପୁ ରାସ୍ତା,ବନ୍ଦାଳ–ଏଣ୍ଡରପଦା ରାସ୍ତା,ବାଲିଚନ୍ଦ୍ରପୁର–ବେଣିପୁର ରାସ୍ତାରେ ଗତ ଅଳ୍ପଦିନ ମଧ୍ୟରେ କୋଟିକୋଟି ଟଙ୍କାର ମରାମତି ଓ ପୁନଃ ନିର୍ମାଣ କାର୍ଯ୍ୟ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁଁ ସବୁରାସ୍ତା ଏବେ ଭାଙ୍ଗିରୁଜି ଯାଇଛି । ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟରେ ବିଭିନ୍ନ ମହଲରୁ ଦାବି ହେବାପରେ ଏବେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି! ହେଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏହି ତଦନ୍ତ ନିର୍ଦ୍ଦେଶ ବଡଚଣା ଉପଖଣ୍ଡରେ ନିଯୁକ୍ତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିବା ଦେଖାଯାଉଛି! କାରଣ ଏଠାରେ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି କମିବା ପରିବର୍ତ୍ତେ ବଢିବଢି ଚାଲିଥିବା ଦେଖାଯାଉଛି । ଏବେ ପାର୍ବଣ ପୂର୍ବରୁ ବରୂହାଁ–ବାଲିଚନ୍ଦ୍ରପୁର ରାସ୍ତାର ମରାମତି ପାଇଁ ଏକାଧିକ ଗୁପ୍ତ ଟେଣ୍ଡର ହୋଇଛି । ବିନା ସରକାରି ଚୁକ୍ତିନାମାରେ ଏହି ଗୁପ୍ତ ଟେଣ୍ଡର କରାଯାଇ ଲକ୍ଷଲକ୍ଷ ଟଙ୍କା ଚଳୁ କରାଯିବା ପାଇଁ ଯୋଜନା ହୋଇଛି । ଏଠାରେ କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କ ନିଜର ଜଣେ ଦୁଇଜଣ ବିଶ୍ୱସ୍ତ ଠିକାଦାର ଓ ସେମାନଙ୍କ ଦ୍ୱାରା ପ୍ରେରିତ କିଛି ଠିକାଦାରଙ୍କ ନାମରେ ଏହି କାର୍ଯ୍ୟ କରାଯାଉଥିବା ଜଣାପଡିଛି! ତେବେ ରଠ କାମକରି ଏହି ଗୁପ୍ତ ଟେଣ୍ଡର ମାଧ୍ୟମରେ ସରକାରୀ ଅର୍ଥ ହଡପ ପାଇଁ ଉଦ୍ୟମ ହେଉଛି! ବରୂହାଁ–ବାଲିଚନ୍ଦ୍ରପୁର ରାସ୍ତାରେ ଦଶଲକ୍ଷ ଟଙ୍କାର ଦୁଇଟି ଗୁପ୍ତ ଟେଣ୍ଡର ହୋଇଥିବା ତଥ୍ୟ ହସ୍ତଗତ ହୋଇଥିଲା ବେଳେ ଅନ୍ୟ ବିଭାଗୀୟ ରାସ୍ତା ଗୁଡିକରେ ଏକାଧିକ ଗୁପ୍ତ ଟେଣ୍ଡର ହୋଇଥିବା ଅଭିଯୋଗ ହୋଇଛି । ଏଥି ପୂର୍ବରୁ ଗତ ସରକାରଙ୍କ ଅମଳରେ ଏହି ଉପଖଣ୍ଡରେ ଅନେକ ଗୁପ୍ତ ଟେଣ୍ଡର , କାମ ନହୋଇ ଠିକାଦାରଙ୍କ ନାମରେ ବିଲ ପୈଠ ଓ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ନେଇ ଅନେକ ତଦନ୍ତ ହୋଇ ସାରିଛି । ଯାହାକୁ ନେଇ ଏହି ଉପଖଣ୍ଡ ବଦନାମ ହୋଇଥିଲା ବେଳେ ଏବେ ପୁଣି ଏଠାରେ ନିଯୁକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହେତୁ ଦୁର୍ନୀତି ବଢିଛି ଓ ଯାଜପୁର ଜିଲ୍ଲାରେ ଏଥିନେଇ ଆଲୋଚନା ଯୋର ଧରିଛି । ଏବେ ମୁଖ୍ୟମନ୍ତ୍ରୀ ସରକାରୀ ସ୍ତରରେ କୌଣସି କ୍ଷେତ୍ରରେ ଦୁର୍ନୀତି ଓ ଅନୀୟମିତତାକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ଘୋଷଣା କରିଛନ୍ତି । ତେଣୁ ବଡଚଣା ପୂର୍ତ୍ତ ଉପଖଣ୍ଡରେ ଚାଲିଥିବା ଦୁର୍ନୀତି ଓ ଅନୀୟମିତତାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

# ପିକ୍‌ଅପ୍ ଧକ୍କାରେ ସାଇକେଲ ଆରୋହୀ ଆହତ

ବାରଙ୍ଗ ,(ସବ୍ୟୁ) : ବାରଙ୍ଗଥାନା ଅନ୍ତର୍ଗତ ଫକିରପଡା ଛକରେ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ଗୋଡ଼ ଭାଙ୍ଗି ଆହତ ହୋଇଛନ୍ତି। ଗୁରୁବାର ସକାଳ ସାଢେ ଆଠଟା ସମୟରେ ଫକୀରପଡା ଗ୍ରାମ ଭୋଇ ସାହିର ଦିବାକର ଭୋଇଓରଫ ଟୁକୁନା(୪୫)। ତ୍ରିଶୂଳିଆ ବଜାର ରୁ ନିଜ ଘରକୁ ସାଇକେଲ ଯୋଗେ ଫେରୁଥିବା ବେଳେ ଫକିରପଡା ଛକରେ ଏକ ପିକ୍‌ଅଫ ଭ୍ୟାନ ଓଡି ୦୫ବିଆର ୧୩୯୭ ଗାଡ଼ି ଟି ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପିକ୍‌ଅଫ ଭ୍ୟାନଟି ଟୁକୁନାଙ୍କ ଡାହାଣ ଗୋଡ ଉପରେ ଚଢ଼ି ଯିବା ଫଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ପିକ୍‌ଅଫ ଭ୍ୟାନଟିକୁ ଅଟକାଇ ବାରଙ୍ଗ ପୁଲିସ କୁ ସୂଚନା ଦେଇଥିଲେ।ବାରଙ୍ଗ ପୁଲିସ ଘଟଣାସ୍ଥଳକୁ ଆସି ଗୁରୁତର ଆହତ ଟୁକୁନାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଥିଲା।









# କୋଟିଏରୁ ଉର୍ଦ୍ଧ୍ୱ ଠକେଇ, ବିଲ୍ଡର ଗିରଫ

## ୭ଟି ଏନ୍‌ବିଡବ୍ଲ୍ୟୁ ସହ ଅଭିଯୁକ୍ତ ବିରୋଧରେ ୨୧ ମାମଲା

ଭୁବନେଶ୍ୱର, (ସବ୍ୟୁ) : କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ପେସାଦାର ଠକ ବିଲ୍ଡର ନିରଞ୍ଜନ ରଣାକୁ ଗିରଫ କରିଛି କମିଶନରେଟ୍ ପୋଲିସ । ସେ ମୁମ୍ବାଇରେ ରହି ଓଡ଼ିଶା ସାମ୍ରାଜ୍ୟ ପରିଚାଳନା କରୁଥିଲା । ତା'ବିରୋଧରେ ଦୁଇଟି ଥାନାରେ ୨୧ଟି ମାମଲା ଥିବାବେଳେ ୭ଟି ଏନ୍‌ବିଡବ୍ଲ୍ୟୁ (ଜାମିନ ବିହିନ ଗିରଫ ପରୱାନା) ରହିଥିବା ପୋଲିସ କହିଛି । ପୋଲିସ ଗିରଫଦାରୀ ଭୟରେ ସେ ନିଜ ଘର ବାଲିଅନ୍ତା ଛାଡି ମୁମ୍ବାଇରେ ଯାଇ ରହୁଥିଲା । ଦଶହରା ପାଳନ କରିବାକୁ ନିଜ ଘର ବାଲିଅନ୍ତାକୁ ଆସିଥିବା ପୋଲିସ ଖବର ପାଇବା ପରେ ବୁଧବାର ତାକୁ ଗିରଫ କରିବାରେ ସମର୍ଥ ହେଲା । ତା'ନିକଟରୁ ୩ ଲକ୍ଷ ୯୨ ହଜାର ଟଙ୍କା, ଗୋଟିଏ ଫର୍ଚୁନର କାର୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି । ଏ ସମ୍ପର୍କରେ ଡିସିପି ପିନାକ ମିଶ୍ର ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ସେ ନିରୀହ ଲୋକଙ୍କୁ ଠକି ସେହି ଟଙ୍କାରେ ବ୍ୟୟବହୁଳ ଓଲିଉଡ୍ ସିନେମା ନିର୍ମାଣ କରୁଥିଲା ।



କଟକ, ଭୁବନେଶ୍ୱରର ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଜମି, ଡୁପ୍ଲେକ୍ସ ଓ ଫ୍ଲାଟ୍ ଦେବାକୁ କହି ଟଙ୍କା ନେବା ପରେ ତାଙ୍କୁ ଧରାଛୁଆଁ ଦିଏନାହିଁ । ଠକେଇର ଶିକାର ହୋଇଥିବା ନିରୀହ ଲୋକମାନେ ଧାଁଦଉଡ କରି ବିଫଳ ହେବା ପରେ ବାଲିଅନ୍ତା ଥାନା ଓ ସହିଦନଗର ଥାନାରେ ଏତଲା ଦିଅନ୍ତି । ସେ ଗିରଫ ହୋଇ ଜେଲ୍ ଯିବା ପରେ ଜାମିନରେ ଆସି ପୁଣି ଠକେଇ କରେ । ବାଲିଅନ୍ତା ଥାନାରେ ୧୫ ମାମଲା ଥିବାବେଳେ ସହିଦନଗର ଥାନାରେ ୬ଟି ମାମଲା ରହିଛି । ସହିଦନଗର ଥାନାରେ ଠକେଇର ଶିକାର ହୋଇଥିବା ଲୋକମାନେ ଏତଲା ଦେବାର କାରଣ ହେଉଛି ପ୍ରଥମେ ସେ ଅଫିସ୍ ସହିଦନଗରରେ କରିଥିଲା । ଗିରଫ ହୋଇ ଜାମିନରେ ଆସିବା ପରେ ପାହାଳ ସାଇ ଏନ୍‌କ୍ଲେଭ୍‌କୁ ଅଫିସ ସ୍ଥାନାନ୍ତର କରିଥିଲା । ସେଠାରେ ତା'ର ସହଯୋଗୀମାନେ ବିଲ୍ଡର କାମ ଓ ସିନେମା କାମ କରୁଥିବା ବେଳେ ସେ ମୁମ୍ବାଇ ପଳାଇ ଯାଇଥିଲା । ମୁମ୍ବାଇ ଯାଇ ଥାନେ ଥାନା ଅନ୍ତର୍ଗତ ଡେଲ୍‌ଟା ଉଡ୍ସ ଆପାର୍ଟମେଣ୍ଟର ୫୪୭-ବି ନମ୍ବର ଘରେ ସ୍ଥାୟୀ ଭାବେ ରହୁଥିଲା ।

ବୁଧବାର ସେ ଘରକୁ ଆସିଥିବା ଜାଣି ପୋଲିସ ଅତର୍କିତ ଚଢାଉ କରିଥିଲା । ଯାହା ଫଳରେ ସେ ଖସି ପାରିନଥିଲା । ବାଲିଅନ୍ତା ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଠକେଇ ଟଙ୍କାରେ ବିଳାସପୂର୍ଣ୍ଣ ଜୀବନଯାପନ କରିବା ସହ ଅଧିକ ଖର୍ଚ୍ଚରେ ଓଲିଉଡ୍ ସିନେମା ନିର୍ମାଣ କରୁଥିବା ପୋଲିସ କହିଛି । ତା'ର ସହଯୋଗୀମାନେ ଗିରଫ ହେବା ସହ ତଦନ୍ତ ଶେଷ ହେଲେ ପ୍ରକୃତରେ ସେ କେତେଟଙ୍କା କେତେ ଲୋକଙ୍କ ଠାରୁ ଠକିଛି ତାହା ସ୍ପଷ୍ଟ ଜଣାପଡିବ ବୋଲି ପୋଲିସ କହିଛି । ନିରଞ୍ଜନ ରଣା ବିରୋଧରେ ତଦନ୍ତ ଜାରି ରହିଛି ।

## ଅବକାରୀ ବିଭାଗର ଚଢ଼ାଉ :ଜଣେ ଗିରଫ , ବାଇକ୍ ସହ ମଦ ଜବତ

ଭଞ୍ଜନଗର,(ସବ୍ୟୁ) : ଭଞ୍ଜନଗର ଅବକାରୀ ଥାନା ଅନ୍ତର୍ଗତ ଶାଲୁଆପଲ୍ଲୀ ଗ୍ରାମ ନିକଟରୁ ଏକ ପେଲସର ବାଇକ୍ ସହ ୬୦ ଲିଟର ରନ୍ଧାମଦଜବତ ଜଣେ ଗିରଫ କରି କୋର୍ଟ ଚାଲାଣ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଅଲ୍ଲିଭା ମାଝି ସୁଚନା ଦେଇଛନ୍ତି । ଗୁରୁବାର ଅପରାହ୍ନରେ କୈଣସି ସୁତ୍ରରୁ ଖବର ପାଇ ଶାଲୁଆପଲ୍ଲୀ ଗ୍ରାମ ନିକଟରେ ଥାନା ଭାରପ୍ରାପ୍ତ ଅଧିକାରୀ ଅଲ୍ଲିଭା ମାଝି ସମେତ କର୍ମଚାରୀମାନେ ଜଗିରହିଥିଲେ ।ଏକ ପେଲସର ବାଇକ୍ ବେଆଇନରେ ୬୦ଲିଟର ମଦ ଧରି ଆସୁଥିବା ଦେଖି ବାଇକ୍ କୁ ଅଟକାଇ ଯାଞ୍ଚବେଳେ ସେହି ବାଇକ୍ ବେଆଇନ ମଦ ଥିବାର ଦେଖ ଘଟଣାସ୍ଥଳରେ ଜବତ କରି ଥାନାକୁ ଆଣି କୋର୍ଟ ଚାଲାଣ କରାଯାଇଥିଲା । ଏହି ଚଢାଉରେ ସନାତନ ନାହାକ, କୃଷ୍ଣଚନ୍ଦ୍ର ସେଠୀ, ଜଗନ୍ନାଥ ମହାପାତ୍ର ସୁବଳ ପ୍ରଧାନ ଭାଗ ନେଇଥିଲେ ।



କଟକ ରାମଗଡ–କନିକାଛକ ପୂଜାକମିଟି ପକ୍ଷରୁ ନବନିର୍ମିତ ଚାନ୍ଦି ମେଢ଼ରେ ଶୋଭାପାଉଛନ୍ତି ମା

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର, (ସବ୍ୟୁ) ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ (ଫୁଲନଖରା କ୍ୟାମ୍ପସ) ପରେ ଅକ୍ଟୋବର ୯ ତାରିଖରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଓଡିଶା ସରକାରଙ୍କ ମାନସିକ ସ୍ୱାସ୍ଥ୍ୟ ଉପଦେଷ୍ଟା ପ୍ରଫେସର (ଡାକ୍ତର) ନୀଳମାଧବ ରଥ ଯୋଗଦେଇ ଉତମ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷର ଥିମ୍-'ଏଥର କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତୁ, ଉପରେ ଡାକ୍ତର ରଥ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପ କୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍ନଜିତ୍ ମହାନ୍ତି, ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ, ଆସିଷ୍ଟାଂଟ ମେଡିକାଲ୍ ସୁପରିଟେଣ୍ଡେଂଟ ଡଃ ସିଦ୍ଧାର୍ଥ ଗୌତମ ପ୍ରମୁଖ ଯୋଗଦେଇ କର୍ମକ୍ଷେତ୍ରରେ ସୁସ୍ଥ ମାନସିକତା ସହ ସଠିକ୍ ଭାବେ ନିଜ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକତା ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ଅନ୍ୟ ବିଭାଗର ଡାକ୍ତର, ନର୍ସିଂ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ମଧ୍ୟ ଯୋଗ ଦେଇଥିଲେ।




## ପେଟାଲସ ଇଣ୍ଟର ନେସନାଲ ସ୍କୁଲରେ ଗର୍ବା ଉତ୍ସବ

ଫୁଲନଖରା,(ସବ୍ୟୁ): ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ସ୍ଥିତ ପେଟାଲସ ଇରନେସନାଲ ସ୍କୁଲରେ ନବରାତ୍ରି ବା ଗର୍ବା ରାସ ପାଳିତ ହୋଇଛି । ଶାରଦୀୟ ଦୁର୍ଗାପୂଜା ଅବସରରେ ସ୍କୁଲର ପ୍ରତିଷ୍ଠାତା ଡ଼ଃ ପ୍ରିୟଦର୍ଶିନୀ ରଥଙ୍କ ତ୍ୱାବଧାନରେ ଆୟୋଜିତ ଏହି କାର୍ଯକ୍ରମରେ ବିଦାଳୟର ଛାତ୍ରଛାତ୍ରୀମାନେ ଦାଣ୍ଡିଆ ନୃତ ପରିବେଷଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ସହ ନିଜେ ଏହି ନୃତ୍ୟରେ ସାମିଲ ହୋଇଥିଲେ ।

## ସତ୍ୟସାଇ ଜିଲ୍ଲା ସଂଗଠନର ମନ୍ଦିର ସଫେଇ

ବାଲିପାଟଣା , (ସବ୍ୟୁ) :ଗାରେଡିପାଞ୍ଚଣ ସ୍ଥିତ ପ୍ରସିଦ୍ଧ ଶ୍ରୀ ବୁଦ୍ଧନାଥ ମହାଦେବଙ୍କ ମନ୍ଦିର ପରିବେଶରେ ରବିବାର ସକାଳେ ପୁରୀ ଜିଲ୍ଲା ସତ୍ୟସାଇ ସେବା ସଂଗଠନ ତରଫରୁ ସଫେଇ କାର୍ଯ୍ୟ କରାଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳ ରୁ ଆସିଥିବା ଶତାଧିକ ସାଇ ସେବକ ଓ ସେବିକାମାନେ ପ୍ରାୟ ଦୁଇଘଣ୍ଟା ସେବାକରିବା ପରେ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା।କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ସେମାନଙ୍କୁ ଉତ୍ସାହିତ କରିବା ସହିତ ନିଜେ ବୃକ୍ଷ ରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ପୂର୍ବତନ ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର,ମଣ୍ଡଳ ଆବାହକ ପ୍ରସନ୍ନ କୁମାର ନନ୍ଦ,ପୂର୍ବତନ ସରପଞ୍ଚ ରସାନନ୍ଦ ପରିଡ଼ା,ଗୋଲକ ବିହାରୀ ସ୍ୱାଇଁ,ପ୍ରଦ୍ୟୁମ୍ନ ସେନାପତି, ପମ୍ପାଲୋ ସରପଞ୍ଚ ବାହାନ ଭୋଇ, ଅଠାନ୍ତର ସମିତି ସଭ୍ୟ ସୈଲେନ୍ଦ୍ର ଭୋଳ,ବିଜେଡି ବ୍ଲକ ସଭାପତି କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ଜିଲ୍ଲା ତରଫରୁ ଶକ୍ତି ପ୍ରସାଦ ଦାଶ ପରିଚାଳନା କରିଥିଲେ।

## ପୂଜା କାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ

କାକଟପୁର, (ସବ୍ୟୁ) : କାକଟପୁର ବ୍ଲକ ଅର୍ନ୍ତଗତ ବାଙ୍ଗୁରୀଗାଁ ପଞ୍ଚାୟତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଚାଲିଥିବା ସାତଦିନିଆ ସ୍ୱତନ୍ତ୍ର ପୂଜା କାଳୀନ ଶିବିର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସେନାପତି ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ସାହୁ , ସମ୍ମାନିତ ଅତିଥି ଭାବେ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଉମାକାନ୍ତ ବାରିକ ,ମୁଖ୍ୟ ବକ୍ତା ଭାବେ ବାଙ୍ଗୁରୀଗାଁ ଉଚ୍ଚମାଧ୍ୟମିକବିଦ୍ୟାଳୟର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ,ବିଜୟ କୁମାର ମୁଦୁଲି ,ସରୋଜ କୁମାର ନାୟକ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମ କୁପରିଚାଳନା କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଉମାଶଙ୍କର ନାୟକ।ଏହି ଶିବିର ରେ (୫୦) ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ବିଜେଡି ଛାଡିଲେ ପୂର୍ବତନ ବିଧାୟକ ପ୍ରକାଶ ବେହେରା

କଟକ,(ସବ୍ୟୁ): ସାଧାରଣ ନିର୍ବାଚନ ୨୦୨୪ର ଅବ୍ୟବହିତ ପୂର୍ବରୁ ବିଜେପି ଛାଡି ବିଜେଡିରେ ଯୋଗ ଦେଇ ବାରବାଟୀ-କଟକରୁ ବିଧାୟକ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିବା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଆଜି ବିଜୁ ଜନତା ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି । ତେବେ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ଗତ ନିର୍ବାଚନରେ ଲଢିବାକୁ ସୁଯୋଗ ଦେଇଥିବାରୁ ସେମାନଙ୍କ ନିକଟରେ ସେ କୃତଜ୍ଞତା ଓ ସମ୍ମାନ ଜଣାଇଛନ୍ତି । ବାରବାଟୀ-କଟକର ଭୋଟର ମାନେ ଖୁବ କମ ଦିନ ମଧ୍ୟରେ ତାଙ୍କୁ ସମ୍ମାନ ଦେଇଥିଲେ । ଏଣୁ ସେମାନଙ୍କର ଯେତେବେଳେ ବି ଯେଉଁ ସମସ୍ୟା ରହିବ ଆବଶ୍ୟକତା ଅନୁଭବ କରି ସେ କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରିବେ ନାହିଁ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ରାଷ୍ଟ୍ରୀୟ ଚିନ୍ତାଧାରାକୁ ବିଶ୍ୱାସରେ ରଖି ତାଙ୍କର ସଂଗଠନକୁ ଆଗକୁ ବଳବତ୍ତର ରଖିବେ ବୋଲି ସେ କହିଛନ୍ତି । ବିଶେଷକରି ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର ଲୋକ ମାନେ ତାଙ୍କର ସଂଘର୍ଷମୟ ଜୀବନ ସହିତ ଦୀର୍ଘ ୨୫ବର୍ଷ ଧରି ଜଡିତ ରହିଥିବାରୁ ସେମାନଙ୍କ ଆଶୀର୍ବାଦ କାମନା କରିବା ସହ ସାରା ଜୀବନ ଋଣ ଶୁଝିବାକୁ ଚେଷ୍ଟା କରିବେ ବୋଲି ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ୨୦୧୪ରେ ସେ କଂଗ୍ରେସ ଟିକଟରେ ସାଲେପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ୨୦୧୯ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ସାଲେପୁର ବିଧାୟକ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ । ଜିଲ୍ଲା ବିଜେପିର ସଭାପତି ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇଥିଲେ । ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ ।

## ବ୍ରାହ୍ମଣଝରିଲୋ କଲେଜରେ କର୍ମଶାଳା

ଫୁଲନଖରା, (ସବ୍ୟୁ) : ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ ଓ କର୍ମଶାଳା ଅଧକ୍ଷା ଶକୁନ୍ତଳା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପନିର୍ଦ୍ଦେଶକ ରଜତ ମାନସିଂ, ପ୍ରଫେସର ଡକ୍ଟର ସୁଶାନ୍ତକୁମାର କମିଲା ଯୋଗଦେଇ ପଦାର୍ଥ ବିଜ୍ଞାନର ମୂଳ ତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଏହା କିପରି ଆମ ଜୀବନ ଶୈଳୀ ଉପରେ ପ୍ରଭାବ ପକାଉଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ବିଭାଗୀୟ ମୁଖ ଅଧ୍ୟାପକ ମନୋରଂଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସରୋଜିନୀ ମହାପାତ୍ର, ଡକ୍ଟର ବଂଶୀଧର ଦାଶ, ପ୍ରାଧ୍ୟାପକ ସମୀର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅଧ୍ୟାପିକା ପ୍ରତୀକ୍ଷା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଉପେନ୍ଦ୍ରନାଥ ବିଶ୍ୱାଳ, ଗୁଲାମ ମୁସ୍ତାଫା ଖାଁ ସହଯୋଗ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା।ଅଧ୍ୟାପିକା ପ୍ରତୀକ୍ଷା ସାହୁ ଧନ୍ୟବାଦ ଦେଇଥିଲେ।

## ଜଗତ କଲ୍ୟାଣ ପାଇଁ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର ଦ୍ୱାରା ନବରାତ୍ର ପୂଜା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର ଭୁବନେଶ୍ୱର ଆନୁକୁଲ୍ୟରେ ଦୀର୍ଘ ୧୫ ବର୍ଷ ଧରି ଭୁବନେଶ୍ୱର ଇଉନିଟ ୫ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଶାରଦୀୟ ନବରାତ୍ରୀ ଉତ୍ସବ ଆୟୋଜିତ ହୋଇଆସୁଛି । ଏହି କାର୍ଯ୍ୟ କ୍ରମ ରେ ପୂଜ୍ୟ ସୀତାରାମ ବାବା, ଅନୁଷ୍ଠାନର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି, ମୁଖ୍ୟ ଉପଦେଷ୍ଟା ସୋଆ ବିଶ୍ୱବିଦ୍ୟାଳୟ ର ନିର୍ଦ୍ଦେଶକ ତଥା ଏମ୍ସ ଭୁବନେଶ୍ୱର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ପ୍ରଫେସର ଅଶୋକ କୁମାର ମହାପାତ୍ର, ଟ୍ରଷ୍ଟି କୁମୁଦିନୀ ପଣ୍ଡା, ଚନ୍ଦ୍ର ଶେଖର ସିଂଗୋଟି, ସାଧାରଣ ସମ୍ପାଦକ ତଥା ଟ୍ରଷ୍ଟି ଉଦୟ କୁମାର ଶାନ୍ତି, ସଭାପତି ରତିକାନ୍ତ ପାଢ଼ୀ, ଉପ ସଭାପତି ସତ୍ୟସୁନ୍ଦର ପଣ୍ଡା, ସୁମିତ୍ରା ପଣ୍ଡା ଓ ଇନ୍ଦିରା ମିଶ୍ର ଏବଂ ବରିଷ୍ଠ ସଦସ୍ୟ ଧନେଶ୍ୱର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତଜନନୀ ମାଁ ଦୁର୍ଗା ଙ୍କ ନବଦିନାତ୍ମକ ନବରାତ୍ର ଉତ୍ସବ ମହାସମାରୋହରେ ପାଳିତ ହେଉଛି । ମୁଖ୍ୟ ପୂଜକ ପଣ୍ଡିତ ଚିତ୍ତରଞ୍ଜନ ଶତପଥି ଓ ସହଯୋଗୀ ପଣ୍ଡିତ ତ୍ରିଲୋଚନ ପଣ୍ଡା ପ୍ରତ୍ୟେକ ଦିନ ମାଁ ଙ୍କ ସୂର୍ଯ୍ୟପୂଜା ଠାରୁ ଆରମ୍ଭ କରି ସପ୍ତସତୀ ଚଣ୍ଡୀ ପାଠ, ହୋମ ଯଜ୍ଞ, ଆଳତୀ ଓ ପୁଷ୍ପାଞ୍ଜଳି ଆଦି ପୂଜା ଅନୁଷ୍ଠାନ ସମ୍ପନ୍ନ କରୁଛନ୍ତି । ଗୁରୁବାର ମାଁ ଙ୍କ ୪ ର୍ଥ ଦିବସ ଅବସର ରେ ମାଁ ଜଗତଜନନୀ କୁଷ୍ମାଣ୍ଡ ରୂପ ରେ ପୂଜା ପାଉଛନ୍ତି । ପୂଜା ର କର୍ତ୍ତା ଓ କର୍ତ୍ତୀ ଦିଲ୍ଲୀପ କୁମାର ପାତ୍ର ଓ ସହଧର୍ମିଣୀ ରମିତା ପାତ୍ର ପୂଜା ଓ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ । ସମୟ ର ମୁଖ୍ୟ ସମ୍ପାଦକ ରାକେଶ ମହାନ୍ତି ଓ ତାଙ୍କର ସହଧର୍ମିଣୀ ଜ୍ୟୋତ୍ସ୍ନା ମହାନ୍ତି ଗୁରୁବାର ପୂଜା ରେ ଯୋଗଦାନ କରି ମାଁ ଙ୍କୁ ଆରତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରି ଥିଲେ । ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଗଦାଧର ବରାଳ, ପ୍ରଶାନ୍ତ ବିଦ୍ୟାଧର,



ବୁଟୁ ବକ୍ସି, ଅଜୟ ସାମନ୍ତରାୟ ଏବଂ କାର୍ଯ୍ୟକାରି କମିଟିର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ବିଶ୍ୱାଳ ,ଡଃ ଅରୁନ୍ଧତୀ ତେଜ,ସ୍ମିତାରାଣୀ ମହାନ୍ତି, ଦିଲ୍ଲୀପ କୁମାର ପାତ୍ର , ଅପର୍ଣ୍ଣା ଦେ, ଭାରତୀ ଶାନ୍ତି, ବାସନ୍ତୀ ତ୍ରିପାଠୀ, ରୀନାରାଣୀ ଖୁଣ୍ଟିଆ,ପ୍ରଗତିକା ମହାନ୍ତି, ସ୍ୱରୂପା ଦାସ,ସୁଧାଂଶୁ ଶେଖର ଦାଶ,ନିବାସିନୀ ଦାଶ,ଦେବାନନ୍ଦ ଦୋରା,ବାବୁନି, ପି ଚିନ୍ନାରା,ସ୍ୱର୍ଣ୍ଣପ୍ରଭା ଚିନ୍ନାରା , ରିଙ୍କି ବାରିକ , ପ୍ରମିଳା ସିଂ ଏବଂ ଅନ୍ୟାନ୍ୟ ସଦସ୍ୟସଦସ୍ୟା ମାନେ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ । ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର ର ସମସ୍ତ ସଦସ୍ୟା, ସଦସ୍ୟ ଓ କାର୍ଯ୍ୟକର୍ତ୍ତା ତଥା ଉପଦେଷ୍ଟା ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ସାହାଯ୍ୟ, ସହଯୋଗ ଏବଂ ସହଭାଗିତା ଯୋଗୁଁ ଏ ନବଦିନାତ୍ମକ ନବରାତ୍ର ପୂଜା ସୂଚାରୁରୂପେ ଅନୁଷ୍ଠିତ ହେଉଛି ।

## ବଡିଜୋନ ପକ୍ଷରୁ ୧୧ରେ ଷ୍ଟାର ନାଇଟ୍ ୧୩ରେ ରାବଣ ପୋଡ଼ି

ଖୋର୍ଦ୍ଧା, (ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ହାବେଲୀ ପଡିଆଠାରେ ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ବଡ଼ି ଜୋନ ପକ୍ଷରୁ ୨୦ତମ ରାବଣ ପୋଡ଼ି ଉତ୍ସବ ଆଜିଠାରୁ ଅନୁଷ୍ଠିତ ହେବ । ଚଳିତ ବର୍ଷ ରାବଣ ପୋଡ଼ି ଉତ୍ସବ ସମେତ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଷ୍ପତି ନିଆଯାଇଛି ପବିତ୍ର ଦୁର୍ଗା ଅଷ୍ଟମୀ ୧୧ ତାରିଖ ଶୁକ୍ରବାର ସନ୍ଧ୍ୟା ୬ଟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଷ୍ଟାର ନାଇଟ୍) ଅନୁଷ୍ଠିତ ହେବ । ଏଥିରେ ସୁନାମ ଧନ୍ୟ ପୁରସ୍କାରପ୍ରାପ୍ତ କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ୧୩ତାରିଖ ରବିବାର ବିଜୟା ଦଶମି ବା ଦଶହରା ଦିନ ରାବଣ ପୋଡ଼ି ଉତ୍ସବ ଉକ୍ତ ସ୍ଥାନରେ ପାଳନ କରାଯିବ ବୋଲି ବଡିଜୋନ୍ ର ପ୍ରତିଷ୍ଠାତା ସମାଜସେବୀ ତଥା ଯୁବନେତା ଜିତେନ୍ଦ୍ର କୁମାର ପ୍ରଧାନ(ରାଜା) ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

## ଡିଜିଟାଲ୍ ସଂଯୋଗୀକରଣ ହେବାରେ ବେଦାନ୍ତ ଆଲୁମିନିୟମ ପ୍ରଥମ ଭାରତୀୟ ସ୍ମେଲଟର

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଶିଳ୍ପଧାତୁ କାରବାର ତଥା ବେଂଚମାର୍କ ମୂଲ୍ୟ ସ୍ଥିର କରିବା ଲାଗି ଗ୍ଲୋବାଲ ହବ ଲଣ୍ଡନ ମେଟାଲ ଏକ୍ସଚେଂଜ ବୋର୍ଡରେ ପ୍ରବେଶ କରି ଏହା ସଫଳତାର ସହ ଏଲଏମଇ ପାସପୋର୍ଟ ପ୍ରୋଗ୍ରାମରେ କାର୍ଯ୍ୟ କରୁଛି । ଏହା ବେଦାନ୍ତ ଆଲୁମିନିୟମକୁ ଭାରତର ପ୍ରଥମ ସ୍ମେଲଟର ଭାବରେ ଏହାର ଧାତୁ ଗୁଣବତା ବିଶ୍ଳେଷଣ ପ୍ରଣାଳୀକୁ ଏଲଏମଇ ପାସପୋର୍ଟ ପ୍ଲାଟଫର୍ମରେ ସିଧାସଳଖ ଡିଜିଟାଲ୍ ସଂଯୋଗ ସ୍ଥାପନ କରିବାକୁ ବିଶ୍ୱସ୍ତରରେ ପଂଚମ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦକ ଭାବରେ ପରିଣତ କରିଛି । ବେଦାନ୍ତ ଆଲୁମିନିୟମର କାର୍ଯ୍ୟକୁ ଶୃଙ୍ଖଳିତ କରିବାରେ ଏଲଏମଇ ପାସପୋର୍ଟର ଏକୀକରଣ ହେଉଛି ଏକ ପ୍ରମୁଖ ପଦକ୍ଷେପ। ପ୍ଲାଟଫର୍ମ ସିଓଏର ଉପସ୍ଥାପନାକୁ ସ୍ୱୟଂଚାଳିତ କରିଥାଏ, ଯାହା ଦ୍ୱାରା ଧାତୁ ପ୍ରେରଣ ପାଇଁ ନରାପତା ନିଶ୍ଚିତତା ଓ ଅନୁପାଳନ ଉପରେ ସଂପୂର୍ଣ୍ଣ ଆକ୍ସସବିଲିଟି, ଟ୍ରେସେବିଲିଟି ଓ ଟ୍ରାନସପାରାନ୍ସିକୁ ବଢାଇଥାଏ। ଏହି ପଦ୍ଧତିରେ ବୈପ୍ଲବିକତା ସୃଷ୍ଟି କରିଛି, କାଗଜ ଆଧାରିତ ପ୍ରକ୍ରିୟାକୁ କମ କରିଛି ଓ ତ୍ରୁଟି ଅପାରଗତାକୁ ହ୍ରାସ କରିଛି । କାର୍ଯ୍ୟ ପଦ୍ଧତିକୁ ଶୃଙ୍ଖଳିତ କରି ଉତ୍ପାଦନ ଠାରୁ ବିତରଣ ପର୍ଯ୍ୟନ୍ତ ସମଗ୍ର ଧାତୁ ଯୋଗାଣ କାର୍ଯ୍ୟକୁ ସୁଗମ କରିପାରୁଛି । ଏହି ସଫଳତା ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଏଲଏମଇ ପାସପୋର୍ଟର ସଫଳ ରୂପାୟନ ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଆମର ପ୍ରତିବଦ୍ଧତାକୁ ସୂଚୀତ କରେ ଯାହା ଆମର ଧାତୁରେ ସର୍ବୋଚ୍ଚ ବିଶ୍ୱ ମାନ୍ୟତା ପୂରଣ ପାଇଁ ସକ୍ଷମ କରିଛି। ଏହା ଦ୍ୱାରା ଆମର ଗ୍ରହକମାନେ ସର୍ବୋଚ୍ଚ ଗୁଣବତା ଯୁକ୍ତ ଉତ୍ପାଦ ପାଇପାରିବେ। ଆଲୁମିନିୟମ ଉଦ୍ୟୋଗରେ ଜଣେ ଅଗ୍ରଣୀ ଭାବରେ ଆମର ସ୍ଥିତିକୁ ଏହା ସୁଦୃଢ କରିବ।





ମା ଦୁର୍ଗାଙ୍କ ବେଶରେ ପାତ୍ରପଡା ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶୀ ପଣ୍ଡା

## ଧରାପୃଷ୍ଠକୁ ଅବତରଣ କଲେ ମା ଦଶଭୁଜା

# ପୂଜାମଣ୍ଡପରେ ମହାସପ୍ତମୀ, ପୀଠେ ମହାଷ୍ଟମୀ

ଖୋର୍ଦ୍ଧା,(ସବ୍ୟୁ): ଆଜି ମା ସିଂହବାହିନୀ, ତଥା ଦଶଭୂଜା, ଜଗଦମ୍ବା, ସର୍ବଜନନୀ ମା ଦୁର୍ଗାଙ୍କ ମହାସପ୍ତମୀ ଖୋର୍ଦ୍ଧା ସହରର ବିଭିନ୍ନ ପୂଜା ମଣ୍ଡପରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି । ଯାଦେବୀ ସର୍ବଭୁତେଷୁ ମାତୃ ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତ ସୈ ନମଃ ନମଃ ଶ୍ଳୋକ ଉଚାରଣରେ ପୂଜା ମଣ୍ଡପ କମ୍ପମାନ ଦେଖାଯାଇଛି । ଦୀର୍ଘ ଦୁଇବର୍ଷ ପରେ ଏଭଳି ବାତାବରଣ ଦେଖାଯାଇଛି । ପ୍ରତି ପୂଜା ମଣ୍ଡପରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପାଗ ଅନକୂଳ ଥିବାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ମାଙ୍କ ଦର୍ଶନ କରିଥିବା ଦେଖାଯାଇଛି । ମହାସପ୍ତମୀ ଅବସରରେ ମାଙ୍କ ମୃଣ୍ମୟୀ ମୂର୍ତୀ ବସିଥିବା ମଣ୍ଡପରେ ନବପତ୍ରିକା ପ୍ରବେଶ, ଚକ୍ଷୁଦାନ, ପୂଜା ଆରମ୍ଭ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିବାବେଳେ ଆଶ୍ୱବାହାନ ଉପରେ ମା ଧରାପୃଷ୍ଠକୁ ଅବତରଣ



କରିଥିବା କୁହାଯାଉଛି । ହୁଳ ହୁଳି ସାଙ୍ଗକୁ ଘଂଟ,ଘଂଟି, ଶଙ୍ଖ, ହରିବୋଲ ହୁଳହଳି ପୂଜା ମଣ୍ଡପ ଉଚ୍ଛୁଳିଥିବା ଦେଖାଯାଇଥିବା ବେଳେ ଖୋର୍ଦ୍ଧା ସହରର ସର୍ବ ପୁରାତନ ତଥା ୯୬ବର୍ଷରେ ପଦାର୍ପଣ କରିଥିବା ଖୋର୍ଦ୍ଧା କ୍ଲବ ସର୍ବଜନନୀ ପୂଜା କମିଟି ପୂଜାମଣ୍ଡପ ଠାରେ ସନ୍ଧ୍ୟାରେ ବିପୁଳ ମହିଳା ଭକ୍ତଙ୍କୁ ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟତମ ପୂଜା ମଣ୍ଡପ ପୁରୁଣା ଦମକଳ ଛକ ମଣ୍ଡପରେ ୧୯୫୨ମସିହାରେ ନିଷ୍ଠାର ସହିତ ମା ଆଦିଶକ୍ତି ଜଗଦମ୍ବାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି । ୧୯୭୨ ମସିହା ଠାରୁ କଂଟା ବଜାର ଦୁର୍ଗା ପୂଜା କମିଟି ମହାଆଡ଼ମ୍ବରେ ପୂଜା କରୁଥିବାବେଳେ ଗୁରୁଜଙ୍ଗସ୍ଥିତ ମାଳିସାହି ଛକରେ ମାଙ୍କ ପୂଜା ମଣ୍ଡପରେ ପୂଜା ଅବସରରେ ବେଶ ଗହଳି ଦେଖାଯାଇଛି । ପଲଟନ ପଡ଼ିଆ ସ୍ଥିତି ଇଗଲ କ୍ଲବ ବିଗତ ୧୨ବର୍ଷ ହେବ ମାଙ୍କ ପୂଜା କରୁଥିବାବେଳେ ଚଳିତ ବର୍ଷ ସହରର ତୋରଣ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି । ଏଠାରେ ଏକ ବିରାଟ ତୋରଣ ସାଙ୍ଗକୁ ଉଜ୍ଜୋଳ ଆଲୋକରେ ପୂଜାମଣ୍ଡପ ଝଲସୁଥିବାବେଳେ ମାଙ୍କ ପୂଜା ରୀତି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏହା ବ୍ୟତିତ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ମାଛ ମାର୍କେଟ ବ୍ୟବସାୟୀ ସଂଘ, ୪୦୭ଟ୍ୟାକ୍ସି ଆସୋସିଏସନ, ଗଡ଼ଖୋର୍ଦ୍ଧା, ତଳସାହି, ଗୁରୁଜଙ୍ଗ, କଂଟାଛକ ଭଳି ପାଖାପାଖି ୯ ପୂଜା ମଣ୍ଡପରେ ମାଙ୍କ ମୃଣ୍ମୟମୂର୍ତି ଏବଂ ହରପାର୍ବତୀ ପୂଜା ପାଉଥିବା ଜଣାଯାଇଛି । ସେହିପରି ସହରରେ ବିଭିନ୍ନ ଦେବୀପୀଠ ଯଥା ଗୁରୁଜଙ୍ଗ ମାକଳୀମନ୍ଦିର, ଖୋର୍ଦ୍ଧା ମଙ୍ଗଳାନଗର ସ୍ଥିତ ମା ମଙ୍ଗଳା, ବରୁଣେଇ, ଉଗ୍ରତାରା, ବାଣପୁର ଭଗବତୀ ପ୍ରମୁଖ ମନ୍ଦିରରେ ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

## ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ୮୬ ବର୍ଷରେ ପରଲୋକ ଘଟିଛି। ଶିଳ୍ପଉଦ୍ୟୋଗ କ୍ଷେତ୍ରରେ ଅବିଶ୍ୱସନୀୟ ସଫଳତା ହାସଲ କରି ଟାଟାକୁ ଏକ ବ୍ରାଣ୍ଡରେ ସେ ପରିଣତ କରିଥିଲେ। ଚା', ଲୁଣ ଠାରୁ ଆରମ୍ଭ କରି ଉଡାଜାହଜ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରି ଭାରତର ଘରେ ଘରେ ଟାଟାକୁ ପରିଚତ କରାଇଥିଲେ। ସେ ଶିଳ୍ପଜଗତର ଏକ ରତ୍ନ ଥିଲେ। ଓଡ଼ିଶା କ୍ଷେତ୍ରରେ ମଧ୍ୟ ସ୍ୱର୍ଗତଃ ଟାଟାଙ୍କ ଅବଦାନ ପ୍ରଶଂସନୀୟ। ଶିଳ୍ପଦ୍ୟୋଗଠାରୁ ସମାଜସେବା ପର୍ଯ୍ୟନ୍ତ ସବୁଥିରେ ଉଲ୍ଲେଖନୀୟ ସଫଳତା ପାଇ ପଦ୍ମ ବିଭୂଷଣ ଉପାଧି ପାଇଥିଲେ । ରତନ ଟାଟାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିବା ସହ ଭାରତୀୟ ଶିଳ୍ପଦ୍ୟୋଗ କ୍ଷେତ୍ରରେ ଅପୁରଣୀୟ କ୍ଷତି ହୋଇଛି ବୋଲି କହିଛନ୍ତି । ସ୍ୱର୍ଗତଃ ଟାଟାଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

## ଶ୍ରମିକ ମୃତ୍ୟୁକୁ ନେଇ ଅଶାନ୍ତ ପିଆଇସିଟି
# ଟେକା-ବାଉଁଶ ମାଡ : ଗେଟ୍‌ରେ ଲାଗିଲା ନିଆଁ



ପାରାଦୀପ, (ଜିପ୍ର) : ପାରାଦୀପ ବନ୍ଦରରୁ ଅଧା କାମ ନେଇ ଶ୍ରମିକଙ୍କ ମନ ଜିଣି ପାରୁନି ପିଆଇସିଟି ବା ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲ । ଅନେକ ସମୟରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଏଠି ଉତେଜନା ହେଉଥିବା ବେଳେ କେତେବେଳେ ଶ୍ରମିକଙ୍କୁ ଛଟେଇ କରିବାରୁ ଗେଟ ଆଗରେ ଆନ୍ଦୋଳନ ଧାରଣା ଚାଲୁଛି । ଗତବର୍ଷ ବିପୁଳ ପରିମାଣର କୋକେନ ଏହାର ବଥରେ ଥିବା ଦେବୀ ଜାହାଜ ଭିତରୁ ଧରା ପଡିଥିବା ବେଳେ ଡିଉଟି ଫ୍ରି ମଦ ଓ ବିଦେଶୀ ସିଗାରେଟ ଏହି ଗେଟ ଦେଇ ବାହାରକୁ ଚାଲାଣ ହେବା ବିଗତ ଦିନରେ ପିଆଇସିଟିର କାର୍ଯ୍ୟଶୈଳୀକୁ ନେଇ ଏଠାରେ ବିରାଟ ପ୍ରଶ୍ନବାଚୀ ଛିଡା କରିଛି । ଆଜି ପୁଣି ପିଆଇସିଟି ଅଶାନ୍ତ ହୋଇ ପଡିଥିବା ଦେଖିବାକୁ ମିଳିଛି । ବାଲିକୁଦା ବ୍ଲକ ଧନୁହରବେଲାରୀର ଭୋଲାନାଥ ସ୍ୱାଇଁ ଆଇବିଏଲ ସର୍ଭେୟର କମ୍ପାନୀରେ ଏହି ପିଆଇସିଟି ଭିତରେ କାର୍ଯ୍ୟ କରୁଥିଲେ । ଆଜି ହଠାତ ତାଙ୍କ ମୃତଦେହ ପିଆଇସିଟି ଭିତରେ ମିଳିଥିବା ବେଳେ ପିଆଇସିଟି କର୍ତ୍ତୃପକ୍ଷ ଶବକୁ ସ୍ଥାନୀୟଅଠରବାଙ୍କୀ ମେଡିକାଲ କିମ୍ବା ପୋର୍ଟ ମେଡିକାଲ ନନେଇ କୁଜଙ୍ଗରେ ଲୁଚାଇ ରଖି ଦେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସାଥୀ କର୍ମଚାରୀଙ୍କ ସହ ଶତାଧିକ ଶ୍ରମିକ ଗେଟ ପାଖରେ ଡିଉଟି ନଯାଇ ଭୋଲାନାଥଙ୍କ ଶବକୁ ଶୀଘ୍ର ଆଣ ବୋଲି ଅଡି ବସି ଆନ୍ଦୋଳନ କରିଥିଲେ । ପିଆଇସିଟି କର୍ତ୍ତୃପକ୍ଷ କିଛି ନଶୁଣିବାରୁ ଶ୍ରମିକମାନେ ଗେଟ ଉପରକୁ ଟେକା ମାଡ ଓ ବାଉଁଶ ମାଡ ମଧ୍ୟ କରିଥିଲେ । ଧୀରେ ଧୀରେ ମୃତ ଭୋଲାନାଥଙ୍କ ଗ୍ରାମବାସୀ ପରିବାର, ଗ୍ରାମବାସୀ ଆସି ପିଆଇସିଟି ଗେଟ ପାଖରେ ପହଂଚିବା ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଥିଲା । କିଛି ସ୍ଥାନୀୟ ଲୋକ ମଧ୍ୟ ଯାଇ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଗେଟ ଆଗରେ ଟାୟାର ଜଳାପୋଡା ଆରମ୍ଭ ହୋଇଥିଲା । ପରିସ୍ଥିତି ଏଭଳି ହୋଇଥିଲା ଯେ ପିଆଇସିଟିର ଗେଟରେ ମଧ୍ୟ ନିଆଁ ଲାଗିଯାଇଥିଲା । କମ୍ପାନୀ ପକ୍ଷ୍ୟରୁ ନିଆଁକୁ ଆୟତ କରିବାକୁ ଯାଇ ଫୋମ ଗ୍ୟାସ ସ୍ପ୍ରେ କରାଯିବାରୁ ଉତ୍ୟକ୍ତ ଲୋକ ଲାଇଟ କୁ ଟେକା ମାରିବା ସହ ସୁରକ୍ଷା କର୍ମୀଙ୍କୁ ଲକ୍ଷ୍ୟ କରି ଟେକା ମାଡ କରିଥିଲେ । ଖବର ଲେଖା ହେବା ବେଳକୁ ମଧ୍ୟ ଆନ୍ଦୋଳନ ଜାରି ରହିଥିବା ବେଳେ ମୃତକର ରୋଗୀଣା ବାପା , ମା ,ସ୍ତ୍ରୀ ଓ ଦୁଇବର୍ଷର ଝିଅ ଆସି ପିଆଇସିଟି ଗେଟ ପାଖରେ ବସି ରହିଛନ୍ତି ।

# ବର୍ତ୍ତନା ସମିତିରେ ସମ୍ପାଦକ ନିଯୁକ୍ତି ନେଇ ଘନଉଛି ବିବାଦ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସେବା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ନେଇ ବିବାଦ ଘନିଭୂତ ହେବାରେ ଲାଗିଛି ।ବାରମ୍ବାର ନେଟିସ ସତ୍ତ୍ୱେ ସମିତି କାର୍ଯ୍ୟାଳୟର ରେକର୍ଡପତ୍ର ନ ଫେରାଇବା ଅଭିଯୋଗରେ ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର ଅକ୍ଟୋବର ୨ତାରିଖରେ ରୁଲ୧୯ ଅର୍ଡର ନମ୍ବର୨୮୫୮ରେ ତାଙ୍କୁ ନିଲମ୍ବିତ କରିଥିଲେ । ହେଲେ ଗତ ୩ତାରିଖରେ ଜିଲ୍ଲା ସହାକରୀ ନିବନ୍ଧକଙ୍କ ଅର୍ଡର ନ୨୩୨୫ମ୍ବର ତା୩.୧୦,୨୪ରିଖ ମୂଳେ ପରିଚାଳନା ବୋର୍ଡ ଉପସଭାପତି ପ୍ରତିମାରାଣୀ ରାୟ ନିତ୍ୟାନନ୍ଦ ନାୟକଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେପଟେ ଏଭଳି ନିଯୁକ୍ତିକୁ ସଭାପତି ମହାପାତ୍ର ବେଆଇନ ଦର୍ଶାଇଛନ୍ତି । ଉପସଭାପତି ସହିତ ମାତ୍ର ଜଣେ ସଭ୍ୟ ଥିବା ବେଳେ ତାଙ୍କ ସହ ୧୩ଜଣ ସଭ୍ୟ ରହିଛନ୍ତି ଏବଂ ବହିଷ୍କାର ପଛରେ ସର୍ବ ସମ୍ମତି ନିଷ୍ପତ୍ତି ରହିଛି । ହେଲେ ଏଭଳି ନିଯୁକ୍ତି ଉପସଭାପତିଙ୍କ କ୍ଷମତାର ବାହାରେ ବୋଲି କହିଛନ୍ତି । ସେପଟେ ରାଜ୍ୟ ନିବନ୍ଧକ ଓ ଜିଲା ସହନିବନ୍ଧକଙ୍କ ନିର୍ଦ୍ଦେଶ କ୍ରମେ ନିଯୁକ୍ତି ପ୍ରଦନାରେ କୌଣସି ଅସୁବିଧା ନାହିଁ ବୋଲି ଉପସଭାପତିଙ୍କ ସମର୍ଥକ ମାନେ କହିଛନ୍ତି । ପୂର୍ବରୁ ଦୁର୍ନିତି ଅଭିଯୋଗରେ ସମ୍ପାଦକ ନିଲମ୍ବିତ ହୋଇଥିଲେ । ଜଏଣ୍ଟ ରେଜିଷ୍ଟ୍ରାରଙ୍କ ତଦନ୍ତ ପରେ ନିତ୍ୟାନନ୍ଦଙ୍କୁ ପୁନଃଅବସ୍ଥାପିତ ପାଇଁ ଜିଲ୍ଲା ସହନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ସୌନ୍ଦର୍ଯ୍ୟ ହିଁ ସାହିତ୍ୟର ମୂଳାଧାର



ଭୁବନେଶ୍ୱର, (ସବ୍ୟୁ) : ରବିବାର ସନ୍ଧ୍ୟାରେ ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶ୍ୱରର ଅକ୍ଟୋବର -୨୪ ମାସର ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡାଇଙ୍କ ସଭାପତିତ୍ୱରେ ୟୁନିଟ ୩ ଭୁବନେଶ୍ୱର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ସୁସାହିତ୍ୟିକା ସୌଦାମିନୀ ସାମଲ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସ୍ରଷ୍ଟା ନିଜର ପ୍ରତିଭା ବଳରେ ଏକ କ୍ଷୁଦ୍ରାଦପି କ୍ଷୁଦ୍ର ପଦାର୍ଥକୁ କଳ୍ପନାର ପୁଟ ଦେଇ ପାଠକ ସମ୍ମୁଖରେ ଉପସ୍ଥାପିତ କରେ। କି ପ୍ରାଚ୍ୟ କି ପାଶ୍ଚାତ୍ୟ ସବୁ କବି ମାନଙ୍କଠାରେ ଏହା ଲକ୍ଷ୍ୟ କରାଯାଏ। ଅନୁଷ୍ଠାନ ମା ମାଟି ଓ ମାତୃଭାଷାର ଗୌରବ ବୃଦ୍ଧି ଓ ପ୍ରଚାର ପ୍ରସାର ପରି ମହତ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସୌନ୍ଦର୍ଯ୍ୟବୋଧରୁ ହିଁ ସାହିତ୍ୟର ସୃଷ୍ଟି। ସୌନ୍ଦର୍ଯ୍ୟ ହିଁ ସାହିତ୍ୟର ମୂଳାଧାର।ଯାହା ସୁନ୍ଦର, କମନୀୟ,ତାହା ସାହିତ୍ୟର ଉପଜୀବ୍ୟ।ସତ୍ୟ, ଶିବ,ସୁନ୍ଦରର ଅଭିବ୍ୟକ୍ତି ହିଁ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ବିଶିଷ୍ଟ ସାହିତ୍ୟିକ ତଥା ଗୋଦାବରୀଶ ସାହିତ୍ୟ ସଂସଦର ପ୍ରାକ୍ତନ ସମ୍ପାଦକ ରାମଚନ୍ଦ୍ର ମେକାପଙ୍କ ବିୟୋଗ ଜନିତ ଅମର ଆତ୍ମାର ସଦ୍ ଗତି କାମନାରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା କବୟତ୍ରୀ ସୌଦାମିନୀ ସାମନ୍ତରାୟ ଓ କବୟତ୍ରୀ ଗୀତାଞ୍ଜଳି ମହାନ୍ତି ଙ୍କ ସଂଯୋଜନାରେ କବି ସର୍ବଶ୍ରୀ କୃଷ୍ଣଚନ୍ଦ୍ର ବଡପଣ୍ଡା, ଇତିଶ୍ରୀ ପତି, ସନ୍ତୋଷ କୁମାର ଦାସ, ଲକ୍ଷ୍ମୀଧର ଦାଶ, ଶରତ ସାହୁ, ପ୍ରିୟ ରଞ୍ଜନ ସାହୁ, ବଂଶୀଧର ସେଠୀ, ପ୍ରକାଶ ଚନ୍ଦ୍ର ବେହେରା, ପୀତାମ୍ବର ପରିଡା, ପୂର୍ଣ୍ଣାନନ୍ଦ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ସୁଧା ପଟ୍ଟନାୟକ, ରଶ୍ମିତା ସାହୁ, ଜୟଶ୍ରୀ ପଟ୍ଟନାୟକ, , ସୁଷମା ଦାଶ, ଅଲେଖ ଚରଣ ରାଉତ, ଇଂ ଲଡୁକିଶୋର ପଢିଆରୀ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ଶଶୀପ୍ରଭା ଦାସ, ଓ ନିତ୍ୟ ନିରଞ୍ଜନ ପଣ୍ଡା ସ୍ୱରଚିତ ଶ୍ରୁତିମଧୁର କବିତା ପାଠ କରିଥିଲେ। ଉପ ସଭାପତି ନିଖିଳ କୁମାର ବଲବନ୍ତରାୟ ସଭା ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ସଂଗଠନ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିଶୁକନ୍ୟା ଦିବସ ପାଳିତ

ବାଲେଶ୍ୱର ,(ସବ୍ୟୁ) :ରାଜ୍ୟସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର ଜିଲ୍ଲା ନାରୀସଂଘ ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ର, ବିଏଡିସି ସଭାପତି ଗୋପାଳକୃଷ୍ଣ କର, ଶିଶୁମଙ୍ଗଳ କମିଟି ସଦସ୍ୟ ଶତ୍ରୁଘନ ମଲ୍ଲିକ ଏବଂ ଅନୀତା କର, ସଦର ପ୍ରକଳ୍ପ ଅଧିକାରୀ ସୁବର୍ଣ୍ଣମଣୀ ବେହେରା ପ୍ରମୁଖ ମଂଚାସୀନ ଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ସଭା ପରିଚାଳନା କରିଥିଲେ ।

HINDUSTAN'S CAKERY
HAPPY Durga Puja
Cantonment Road
Near Military Lane
Berhampur- 760001
Mob: 9937023450

Happy Durga Puja
TARINI GRANITE
Whole Sale and Retail Counter
Plot No.: 297, Koradakanta Opposite of GC Tiles, BBSR
M : 9668825467, 9901992362

BALAJI PIPES
Office : Plot No. : 06, Po : Aiginia, Near Kolathia Chhak
Bhubaneswar - 751019
Happy Durga Puja
Contact: 9861175019, 9778363834

SBI
The banker to every Indian
ଏହି ଦୁର୍ଗା ପୂଜାରେ ସମୃଦ୍ଧତା ସହିତ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ
CELEBRATIONS UNLIMITED
WAIVER OF PROCESSING FEE
CAR LOAN
GOLD LOAN
PERSONAL LOAN
LOAN AGAINST MUTUAL FUNDS
CONCESSIONAL INTEREST RATES
For assistance, call 1800 1234 | 2100
ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ

Happy Durga Puja
SRI JAGANNATH PROMOTER & BUILDERS
A trustworthy name in the real estate Arena of Odisha
Plot No- 370/3184 & 367/3182, Near Toyota Showroom, Sishu Vihar, Patia, Bhubaneswar- 751024
MOB: 9937184695

Happy Durga Puja
KUMUDINI ENTERPRISES
Dealership opened on: 04/10/2024
PUZZOLANA
Plot No.- 3761/11593, Modern Tiles Building, New Puri Bypass Road, 1st Floor, Pandra, Bhubaneswar
Mob: 9438074499, 9437133330
E-mail: kumudinienterprises23@gmail.com

Happy Durga Puja
MAA TARINI GRANITE
Gangapada, Bhubaneswar
M : 9668825467, 9901992362

Happy Durga Puja
MAHAVIR MEDICAL STORE
SUM HOSPITAL, BHUBANESWAR
Cell : 9114156363
BRANCH: Patrapada, BBSR Near AIIMS Hospital M : 9937547564
BRANCH: Niladri Vihar, BBSR Near Utkal Hospital M : 7008180644

Happy Durga Puja
FURNWELL FURNITURE
PATRA HARDWARE STORE
Deals in : Interior Design & all Types of Furniture
Khandagiri, Square, Bhubaneswar- 751030
PATRA HARDWARE STORE Mob: 7008010798, 9937610087
FURNWELL FURNITURE Mob: 9861061937, 9777418620

Happy Durga Puja
POOJA ENTERPRISERS
An ISO 9001:2015 Company
Manufacturing of
Concrete Checkered tiles, Interlocking pavers Blocks, Designer Tiles, Kerb Stones, Grass Pavers, Soccer Drain, Cobble stone, ETC
Mahavir Bazar, Samanarapur, BBSR
M : 9437054243, 9439913285, 9437634494

CUTTACK WALA BINOD TEXTILES
Free gift on every purchase brand Cello, Milton & American Tourister suitcase
Offer valid for Fancy Saree, Readymade Items & Kidswear
Indias favorite seasonal brand now available only at Binod Textiles
LIMITED PERIOD OFFER
OFFERS STARTS FROM Rs. 2000/-
73, Budhanagar, Kalpana Square, Bhubaneswar-751006
M : 9438023000, 9861110976

KONARK MOTORS
Plot No. : 182, Inside Puri Canal NH-5, Hanspal, Bhubaneswar-752101
Contact : 9437449439, 9937876949

Happy Durga Puja
PK AUTO DEALS PVT. LTD
Used Car Sale and Purchase
Plot No.- 799/1340/3061, Sum Hospital Old Road
P.o- Ghatikia, P.s- Khandagiri, www.pkautodeals.com
Mob: 9178107818, 9937778444

RADHAKRISHNA
TILES & GRANITES
COMPLETE FLOORING SOLUTIONS
Deals in : Tiles, Granite, Marble, Putty, Cotta, Kadpa, Adhesive etc.
Plot No. : 4565, Badagada, Near Sai Temple Traffic, BBSR
M : 7008982035, 8249085882

HAPPY DURGAPUJA
SANJIBANI MEDICAL STORE
Near Sum Hospital, Kalinga Nagar, BBSR
Contact : 9937426244
GURUKRUPA MEDICAL STORE
Near Sum Ultimate, Kalinga Nagar, BBSR
Contact : 9078475644

Happy Durga Puja
STAR GLASS & ART WORK
(Fancy Mirror Wholesaling)
Deals in : All types of Toughen Glass & Fittings, Glass Dining Table, Etching Beveling, Polishing, Glass Designing, Acid & Color Work, LED Mirror and Hardware Stocks etc.
Plot No. 361, Basuaghai, Puri-Bypass, Near Sai Mandir Chhak, Infront of JCB Show Room, Bhubaneswar- 751002
M : 7008035103, 8456074382

HAPPY DURGA PUJA
SAI MEDICAL STORE
Plot No. : K8119, Kalinga Nagar, Ghatikia
Near IGKC Hospital, Bhubaneswar
M : 9937025644

Happy Durga Puja
SHREEMAA MARBLES
Exclusive Dealer For:
JOHNSON TILES
RAK CREAMICS MARBLES
GRANITE & ADHESIVES SANITARY
Address- Bomikhal, Rasulgarh, Pahal, Kesura
M : 8018055036

Happy Durga Puja
S N R STEELS
Deals in : Iron Steels, All Fabricator Materials, Rolling Sutter Patti, M.S. Pipe, G.I. Pipe
Plot No. : 411, Uttara Chhak, Puri Road
Bhubaneswar-751002
M : 8093885278, 6370230310

Happy Durga Puja
Lalu Automobiles
A Complete Multi Brand Car Workshop
Mahindra HYUNDAI Ford TOYOTA
Backside of KCA Ground, Khandagiri, Bhubaneswar
E-mail : sethis072@gmail.com
Mobile : 9437281259, 6371090917

# ଓଡ଼ିଶା ସରକାର
# ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**File No. PT2-COLKHD-LA-MISC-0076-2023 1191, Dated. 24.09.2024**

**XXXIII-31 :** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଖୋର୍ଦ୍ଧା ଜିଲ୍ଲାର ଗାଡକଣ, ପଟିଆ ଓ ଚନ୍ଦ୍ରଶେଖରପୁର ମୌଜାରେ ଗୁରୁ କେଲୁଚରଣ ପାର୍କ** ଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ପଟିଆ, ଥାନା–ନିଉ କ୍ୟାପିଟାଲ, ତହସିଲ–ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୬.୫୦୮ ଡିସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act.2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର **୬୦** ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ -** ପଟିଆ ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଲୁଚରଣ ପାର୍କ ଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ -** ସମ୍ପାଦକ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର, ଓଡ଼ିଶା ।
୩. **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :** ସାର୍ବଜନୀନ ଉଦ୍ଦେଶ୍ୟରେ ପଟିଆ ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଲୁଚରଣ ପାର୍କ ଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -** ଓଡ଼ିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା, ୨୬୩୨୬/୦୫.୦୮.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :** ଉପ ଜିଲ୍ଲାପାଳ, ଭୁବନେଶ୍ୱର ।
୬. **ଜମିର ବିବରଣୀ :**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ପଟିଆ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ଡି. ୧୨.୬୫୮ଡି | ଏ. ୬.୫୦୯ ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବନାହିଁ ।**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, ଖୋର୍ଦ୍ଧା**

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

**(ଗାଡକଣ, ଚନ୍ଦ୍ରଶେଖରପୁର, ପଟିଆ ମୌଜାର ଗୁରୁ କେଲୁଚରଣ ପାର୍କ ଠାରୁ ପଟିଆ ରେଲୱେ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)**
**ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ମୌଜା-ପଟିଆ**

| କ୍ରମିକ ନମ୍ବର | ମୌଜା ଓ ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା | ପ୍ଲଟ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ରକବା | ଖାତା ରୟତର ନାମ |
|---|---|---|---|---|---|---|---|---|
| ୧ | ପଟିଆ/ ଭୁବନେଶ୍ୱର | ସହରାଞ୍ଚଳ | ୪୧ | ୧୧୭୫ | ଶାରଦ-୨ | ୧.୪୬୦ | ଏ.୦.୮୦୦ ଡି | ଉଚ୍ଛବ ସାହୁ, ଭାସ୍କର ସାହୁ, ପି ବାସୁ ସାହୁ, ଜା-ଥୋରିଆ, ସା-ଡମଣା |
| ୨ | | | ୨୪୧ | ୧୧୭୬ | ଶାରଦ-୨ | ୦.୨୯୦ | ଏ. ୦.୧୨୫ ଡି | ନାରାୟଣ ରାୟ, ପି-ଦିବ୍ୟସିଂହ ଦେବ, ସା-ପଟିଆ |
| ୩ | | | ୩୩୭ | ୧୧୭୭ | ଶାରଦ-୨ | ୦.୪୧୦ | ଏ. ୦.୦୩୦ ଡି | ବିଶି ବିଶ୍ୱାଳ, ପି-ରଘୁ ବିଶ୍ୱାଳ, ଜା-ମହାଲାଏକ, ସା-ପଟିଆ |
| ୪ | | | ୪୭୪/୬୨୪୮ | ୧୧୮୬ | ଶାରଦ-୨ | ୦.୦୬୧ | ଏ. ୦.୦୧୦ ଡି | ଦମୟନ୍ତୀ ଜେନା, ସ୍ୱା-ରବି ନାରାୟଣ ସ୍ୱାଇଁ, ସା-ପାପୀରା, କୁସୁମ୍ଭର, ଥା-ଅନ୍ତରଙ୍ଗ, ଜିଲ୍ଲା-ପୁରୀ |
| ୫ | | | ୪୭୪/୨୦୮ | ୧୧୮୬/୧୯୨୨୨ | ଶାରଦ-୨ | ୦.୨୪୦ | ଏ. ୦.୦୪୦ ଡି | ଭାଗିରଥି ଚମ୍ପତି, ପି-ପୂର୍ଣ୍ଣ ଚନ୍ଦ୍ର ସମ୍ପତି, ସା-ପଟିଆ, ଥା-ସହିଦନଗର, ଜିଲ୍ଲା-ଖୋର୍ଦ୍ଧା । |
| ୬ | | | ୪୭୪/୪୭୧୬ | ୧୧୮୮ | ଶାରଦ-୨ | ୦.୪୦୦ | ଏ. ୦.୦୯୫ ଡି | କନକ ମଞ୍ଜରି ମହାନ୍ତି, ସ୍ୱା- ପ୍ୟାରମୋହନ ମହାନ୍ତି, ସୌମେନ୍ଦ୍ର ପ୍ରସାଦ ମହାନ୍ତ, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି- ପ୍ୟାରୀ ମୋହନ ମହାନ୍ତି, ଥା-ଚନ୍ଦ୍ରଶେଖରପୁର, ସା-ପଟିଆ, ଜି-ଖୋର୍ଦ୍ଧା |
| ୭ | | | ୫୦ | ୧୧୮୯ | ଶାରଦ-୨ | ୧.୧୦ | ଏ ୦.୪୯୦ ଡି | ଉମା ଚରଣ ମହାନ୍ତି, ମଧୁସୂଦନ ମହାନ୍ତି, ପି-କୃଷ୍ଣ ଚନ୍ଦ୍ର ମହାନ୍ତି, ଜା-କରଣ, ସା-ପଟିଆ, ଜି-ଖୋର୍ଦ୍ଧା |
| ୮ | | | ୯୨ | ୧୧୯୦ | ଶାରଦ-୨ | ୦.୪୮୦ | ଏ. ୦.୪୨୦ ଡି | କୃଷ୍ଣ ଚନ୍ଦ୍ର ପାତ୍ର, ପି: ଶାମ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ, ସରୋଜିନୀ ଜେନା, ପି: ବିଶ୍ୱନାଥ ପାତ୍ର, ଜା-ଖଣ୍ଡାୟତ, ବା: ଗେଲପୁର, ପୋ-ନାହାଳପୁର, ଥା-ଗୋବିନ୍ଦପୁର, ଜି- କଟକ, ମଞ୍ଜୁଲତା ଜେନା, ପି-ବିଶ୍ୱନାଥ ପାତ୍ର, ଜା-ଖଣ୍ଡାୟତ, ବା:ରଘୁନାଥପୁର, ଥା-ନନ୍ଦନକାନନ, ଜି-ଖୋର୍ଦ୍ଧା, ସୁରତି ପାତ୍ର, ସ୍ୱା-ଧରଣୀ ପାତ୍ର, ମନ୍ମଥ ପାତ୍ର, ମହିନ୍ଦ୍ର ପାତ୍ର, ନିରୁପମା ପଢ଼ିଆରୀ, କୁନି ପାତ୍ର ଓରଫ ପାଇକରାୟ, କୁନ୍ତଳା ପାତ୍ର ଓରଫ ଜେନା, ପି-ଧରଣୀ ପାତ୍ର, ମନୋରମା ପାତ୍ର, ସ୍ୱା-ସୁରେନ୍ଦ୍ର ପାତ୍ର, ଶରତ ପାତ୍ର, ଅରୁଣ ପାତ୍ର, ପ୍ରତିଭା ପାତ୍ର ଓରଫ ସେଠୀ ପି: ସୁରେନ୍ଦ୍ର ପାତ୍ର, କାଞ୍ଚନ ପାତ୍ର, ସ୍ୱା: ଲୋଚନ ପାତ୍ର, ପ୍ରଭାତୀ ପାତ୍ର, କଦମ୍ବିନୀ ପାତ୍ର, ସୁମିତ୍ରା ପାତ, ଜାଗେଶ୍ୱର ପାତ୍ର, ଟିକିନା ପାତ୍ର, କୁନି ପାତ୍ର, ପି: ଲୋଚନ ପାତ୍ର, ସତ୍ୟଭାମା ପାତ୍ର, ସ୍ୱା: ରାଜକିଶୋର ପାତ୍ର, ମଦନ ପାତ୍ର, ଝୁନୁ ପାତ୍ର, ମୀନା ପାତ୍ର, ପି: ରାଜକିଶୋର ପାତ୍ର, ଜା: ଖଣ୍ଡାୟତ, ବା:/ପୋ- ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ରାଧାମୋହନ ଜେନା, ବାସୁଦେବ ଜେନା, ଚିତ୍ତରଞ୍ଜନ ଜେନା, ପି: ବୈକୁଣ୍ଠ ନାଥ ଜେନା, ଜା: ଖଣ୍ଡାୟତ, ବା: ବମିଖାଲ, ପୋ-ରସୁଲଗଡ଼, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୯ | | | ୪୭୪/୭୪୩ | ୧୧୯୧ | ଶାରଦ-୨ | ୦.୪୮୦ | ଏ ୦.୩୩୦ ଡି | ହୃଦାନନ୍ଦ ପାତ୍ର, ପି: ଧୋବେଇ ପାତ୍ର, ଜା-ଖଣ୍ଡାୟତ, ସା-ପଟିଆ, ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର |
| ୧୦ | | | ୪୭୪/୬୪୪୫ | ୧୨୩୦ | ଶାରଦ-୨ | ୦.୦୩୦ | ୦.୦୩୦ ଡି | କାର୍ତ୍ତିକ ଚନ୍ଦ୍ର ସେଠୀ, ପି-ଧରମାନନ୍ଦ ସେଠୀ, ସା-ପଟିଆ ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା |
| ୧୧ | | | ୪୭୪/୩୫୧୦ | ୧୨୩୦/୧୭୦୭ | ଶାରଦ-୨ | ୦.୦୮୦ | ୦.୦.୦୧୦ ଡି | ସବିତା ଦାସ, ସ୍ୱା: ଜେ.ରାଜେନ୍ଦ୍ର ପ୍ରସାଦ, ଶକୁନ୍ତଳା ଦାସ, ସ୍ୱା-ରଜତ କୁମାର ବେହେରା, ଜା-ପାଣ, ସା-ନାରାୟଣ ପାଟଣା, କୋରାପୁଟ |
| ୧୨ | | | ୪୭୪/୪୯୨୯ | ୧୨୩୦/୧୭୦୭/ ୪୫୨୨ | ଶାରଦ-୨ | ୦.୦୬୦ | ଏ.୦.୦୫୫ ଡି | ସୁନୀତା ଚୌଧୁରୀ, ସ୍ୱା-ରାଜୀବ ନାରାୟଣ ଚୌଧୁରୀ, ଜା: ବ୍ରାହ୍ମଣ, ବା: ୨୦୯/୨୦, ପ୍ରଗତି ବିହାର, ସା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର |
| ୧୩ | | | ୪୭୪/୪୫୫୪ | ୧୨୩୦/୧୭୦୭/ ୫୨୨୮ | ଶାରଦ-୨ | ୦.୦୮୦ | ଏ ୦.୦୮୦ ଡି | ଚକ୍ରପାଣି ବେହେରା, ପି-ଭରତ ବେହେରା, ସା-ଚନ୍ଦ୍ରଶେଖରପୁର, ବିଡିଏ କଲୋନୀ, ଭୁବନେଶ୍ୱର |
| ୧୪ | | | ୪୭୪/୬୬୨୫ | ୧୨୩୦/୨୨୯୫ | ଶାରଦ-୨ | ୦.୦୨୫ | ଏ୦.୦୨୫ ଡି | ପ୍ରମୋଦ କୁମାର ଜେନା, ପି-ଅଧିକାରୀ ଜେନା, ଜା-ଖଣ୍ଡାୟତ, ସା-ପଟିଆ, ଥାନା-ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା |
| ୧୫ | | | ୪୭୪/୩୭୩୭ | ୧୨୩୦/୨୨୯୫/ ୪୬୩୭ | ଘରବାରି | ୦.୦୪୫ | ଏ ୦.୦୦୫ ଡି | ଚରଣ ବିଶ୍ୱାଳ, ପି-ଭଗବତ ବିଶ୍ୱାଳ, ଜା: ଖଣ୍ଡାୟତ, ଥା-ବ୍ରହ୍ମଗିରି, ସା-ସାହୁପଡା, ପୁରୀ |
| ୧୬ | | | ୪୭୪/୩୭୩୯ | ୧୨୩୦/୨୨୯୫/ ୪୬୩୯ | ଘରବାରି | ୦.୦୪୧ | ଏ ୦.୦୧୫ ଡି | ପ୍ରକାଶ କୁମାର ପଟ୍ଟନାୟକ, ପି: ଅନାମ ଚରଣ ପଟ୍ଟନାୟକ, ଜା: କରଣ, ସା-ମନୋରାମା ନିବାସ, ଦାଣ୍ଡମୁକୁନ୍ଦପୁର, ଥା- ପିପିଲି, ପୁରୀ |
| ୧୭ | | | ୪୭୪/୩୮୨୭ | ୧୨୩୦/୨୯୫/ ୪୭୦୩ | ଘରବାରି | ୦.୦୫୧ | ଏ ୦.୦୩୫ ଡି | ଦୀପଙ୍କର ସ୍ୱାଇଁ, ପି: ଭାଗ୍ୟଧର ସ୍ୱାଇଁ, ଜା-ଖଣ୍ଡାୟତ, ସା-କାଯିପାଟଣା, ଥା-କଟକ ସଦର, କଟକ |
| ୧୮ | | | ୪୭୪/୪୮୨୦ | ୧୨୩୦/୨୨୯୫/ ୫୩୯୯ | ଶାରଦ-୨ | ୦.୦୫୧ | ଏ ୦.୦୫୧ ଡି | ପ୍ରିୟଦର୍ଶିନୀ ମହାପାତ୍ର, ସ୍ୱା-ବିଶ୍ୱରଞ୍ଜନ ସାହୁ, ସା-ରାଜା ବଜାର, ଜଟଣୀ, ଖୋର୍ଦ୍ଧା |
| ୧୯ | | | ୪୭୪/୪୮୩୦ | ୧୨୩୦/୨୨୯୫/ ୫୪୦୮ | ଶାରଦ-୨ | ୦.୦୩୪ | ଏ ୦.୦୨୫ ଡି | ସୁଶାନ୍ତ କୁମାର ବାନରା, ପି- ରେଙ୍ଗ ବାନରା, ବା: ଭଅଁର, ସା-କରଞ୍ଜିଆ, ମୟୂରଭଞ୍ଜ |
| ୨୦ | | | ୪୭୪/୪୮୯୬ | ୧୨୩୦/୨୨୯୫/ ୫୪୫୬ | ଘରବାରି | ୦.୦୫୨ | ଏ ୦.୦୫୨ ଡି | ମହେଶ୍ୱର ସାହୁ, ପି: ନରସିଂହ ସାହୁ, ସା-ଗଣିଆ, ନୟଗଡ |
| ୨୧ | | | ୪୭୪/୬୪୨ | ୧୨୩୦/୨୪୫୮ | ଶାରଦ-୨ | ୦.୧୧୦ | ଏ ୦.୧୧୦ ଡି | ଜେମାମଣି ସେଠୀ, ସ୍ୱା-ଧର୍ମାନନ୍ଦ ସେଠୀ, ସା-ପଟିଆ, ଥାନା-ସହୀଦ ନଗର, ଜିଲ୍ଲା-ଖୋର୍ଦ୍ଧା |
| ୨୨ | | | ୪୭୪/୧୦୨୪ | ୧୨୩୦/୨୮୩୦ | ଶାରଦ-୨ | ୦.୧୧୦ | ଏ ୦.୧୧୦ ଡି | ଜେମାମଣି ସେଠୀ, ସ୍ୱା-ଧର୍ମାନନ୍ଦ ସେଠୀ, ସା-ନିଜଗାଁ |
| ୨୩ | | | ୩୩୨ | ୧୨୩୨ | ଶାରଦ-୨ | ୦.୦୩୫ | ଏ ୦.୦୨୦ ଡି | ବିଶ୍ୱମ୍ଭର ସାହୁ, ପି: ଶାମ ସାହୁ, ଜା-ଥୋରିଆ, ବା: ଡମଣା |
| ୨୪ | | | ୪୭୪/୬୩୪୪ | ୧୨୩୨/୪୭୯୪ | ଶାରଦ-୨ | ୦.୧୦୫ | | ବିରଞ୍ଚି ନାରାୟଣ ମିଶ୍ର, ପି: ପଶନ କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ରାଜ ବଗିଚା, ପୋ-ତେଲେଙ୍ଗାବଜାର, ଥା- ପୁରୀଘାଟ, ଜି-କଟକ |
| ୨୫ | | | ୪୭୪/୬୬୪୬ | ୧୨୩୩/୬୮୧ | ଶାରଦ-୨ | ୦.୦୪୦ | ଏ ୦.୦୨୦ ଡି | ବୈଜୟନ୍ତୀ ମହାନ୍ତି, ସ୍ୱା: ବିରବର ମହାନ୍ତି, ଜା: ଖଣ୍ଡାୟତ, ବା: ପ୍ଲଟ ନଂ. ୧୩୭୬, ଫିସେରୀ ଲେନ୍, ଚିନ୍ତାମଣିଶ୍ୱର, ପୋଷ୍ଟ- ବୁଦ୍ଧେଶ୍ୱରୀ, ଥାନା-ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା |
| ୨୬ | | | ୪୭୪/୬୬୪୭ | ୧୨୩୩/୬୮୨ | ଶାରଦ-୨ | ୦.୦୫୦ | | ଗୌରହରି ପ୍ରଧାନ, ପି: କୁଳମଣି ପ୍ରଧାନ, ଜା-ଖଣ୍ଡାୟତ, ବା/ପୋଷ୍ଟ-ଅଚଳକୋଟ, ଥାନା-ତିଗିରିଆ, ଜିଲ୍ଲା-କଟକ |
| ୨୭ | | | ୪୭୪/୬୬୮୨ | ୧୨୩୩/୬୨୬୨ | ଶାରଦ-୨ | ୦.୦୫୦ | | ଅନୁପମା ମହାପାତ୍ର, ସ୍ୱା: ପ୍ରଫୁଲ୍ଲ କୁମାର ମହାନ୍ତି, ଜା: ଖଣ୍ଡାୟତ, ବା: ହଟିଆପଲ୍ଲୀ, ପୋଷ୍ଟ-ରାସଙ୍ଗ, ଥାନା/ଜିଲ୍ଲା-ନୟାଗଡ଼ |
| ୨୮ | | | ୩୮୭ | ୧୨୩୪ | ଶାରଦ-୨ | ୦.୩୧୦ | ଏ ୦.୨୨୫ ଡି | ମିନକେତନ ସାହୁ, ବାନାମ୍ବର ସାହୁ, ଅଭିନ ସାହୁ, ପି- ନାରଣ ସାହୁ ଜା-ବଣିଆ, ବା: ଡମଣା |
| ୨୯ | | | ୪୭୪/୪୪୦୩ | ୧୨୩୫ | ଘରବାରି | ୦.୦୮୦ | ୦.୦୮୦ | ସୁମିତ୍ରା ପାତ୍ର, ସ୍ୱା-ସୂର୍ଯ୍ୟ ପ୍ରସାଦ ମାଝୀ, ଜା- ଖଣ୍ଡାୟତ, ବା: ସଗେଇ, ଥା-କୋଣାର୍କ, ଜି-ପୁରୀ |
| ୩୦ | | | ୪୭୪/୬୨୬୭ | ୧୨୩୬ | ଶାରଦ-୨ | ୦.୦୭୦ | ୦.୦୭୦ | କୁନି ସ୍ୱାଇଁ, ସ୍ୱା-ରାଜ କିଶୋର ସ୍ୱାଇଁ, ଜା-ଖଣ୍ଡାୟତ, ବା: ଉତ୍ତରମୁଣ୍ଡ ମୁହାଣ, ପୋ-ଜାଆଁଳ, ଥା-ଜଟଣୀ, ଜି-ଖୋର୍ଦ୍ଧା |
| ୩୧ | | | ୪୭୪/୪୯୦୪ | ୧୨୩୭ | ଘରବାରି | ୦.୦୬୦ | ୦.୦୫୦ ଡି | ବେଦମତୀ ବିଷ୍ଣୁ ମୋହିନି ଦାସ, ସ୍ୱା- ଦିଲ୍ଲିପ କୁମାର ଦାସ, ଜା: ଗୋପାଳ, ବା: ଶାଳଜଙ୍ଗ, ଥା/ଜି-ଜଗତସିଂହପୁର |
| ୩୨ | | | ୪୭୪/୬୨୬୪ | ୧୨୩୮ | ଶାରଦ-୨ | ୦.୦୭୦ | ଏ ୦.୦୫୦ ଡି | କଳ୍ପନା ପାତ୍ର, ସ୍ୱା-ପବିତ୍ର ପାତ୍ର, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୩୩ | | | ୧୭୧ | ୧୨୪୨ | ଶାରଦ-୨ | ୦.୩୭୦ | ଏ ୦.୦୧୦ ଡି | ଯୋଗେନ୍ଦ୍ର ବାରିକ, ପି: ଅନନ୍ତ ବାରିକ, ଜା-ଭଣ୍ଡାରି, ବା: ନିଜଗାଁ |
| ୩୪ | | | ୧୩୩ | ୧୨୪୬ | ଶାରଦ-୨ | ୦.୦୩୩୦ | ଏ. ୦.୧୪୦ ଡି | ଗଣେଶ ଯେନା, ଶିବ ଯେନା, ପି: ଶଙ୍କର ଯେନା, ଚକ୍ରଧର ଜେନା, ପି: ରଘୁ ଯେନା, ଜା-ଖଣ୍ଡାୟତ, ବା:ନିଜଗାଁ |
| ୩୫ | | | ୨୧୫ | ୧୨୪୭ | ଶାରଦ-୨ | ୦.୧୫୦ | ଏ ୦.୧୪୫ ଡି | ଧୂଳ ଯେନା, ପି: କଣ୍ଠ ଯେନା, ଜା-ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଦୁଇ ଅଣା ନଅ ପାହି, ବା: ଗଣେଶ ଯେନା, ଶିବ ଯେନା, ପି: ଶଙ୍କର ଯେନା, ଜା: ଖଣ୍ଡାୟତ, କିସ୍ମତ ଏକ ଅଣା ଛଅ ପାହି, ବା: ଚକ୍ରଧର ଯେନା, ପି-ରଘୁ ଯେନା, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଏକ ଅଣା ଛଅ ପାହି ବା: କ୍ଷେତ୍ରବାସି ଯେନା, ପି: ଫଗୁ ଯେନା, ଜା-ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଦୁଇ ଅଣା ନଅ ପାହି, ବା: ଅଲେଖ ଯେନା, ପି- ଶାମ ଯେନା, ଜା-ଖଣ୍ଡାୟତ, ବା-ନିଜଗାଁ, କିସ୍ମତ ସାତ ଅଣା ଛଅ ପାଡି ବା: |
| ୩୬ | | | ୪୭୪/୬୪୪୧ | ୧୨୪୮ | ଶାରଦ-୨ | ୦.୩୩୦ | ଏ ୦.୨୯୦ ଡି | ମନୋଜ କୁମାର ସେଠି, ସରୋଜ କୁମାର ସେଠି, ପି: ନକୁଳ ଚରଣ ସେଠି, ଶାନ୍ତିଲତା ସେଠି, ସ୍ୱା: ନକୁଳ ଚରଣ ସେଠି, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା । |
| ୩୭ | | | ୪୭୪/୪୯୪୬ | ୧୨୪୯ | ଶାରଦ-୨ | ୦.୦୯୫ | ଏ ୦.୩୨୦ ଡି | କିଶୋର ଚନ୍ଦ୍ର ପାଇକରାୟ, କି: ବାମବର ପାଇକରାୟ, ଜା: ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର ଜି- ଖୋର୍ଦ୍ଧା |
| ୩୮ | | | ୪୭୪/୪୯୪୭ | ୧୨୪୦/୫୫୦୦ | ଶାରଦ-୨ | ୦.୨୮୫ | ଏ ୦.୩୨୦ ଡି | ବଂଶିଧର ପାଇକରାୟ, ପି: ଫକିର ପାଇକରାୟ, ଜା- ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୩୯ | | | ୯୧ | ୧୨୫୦ | ଶାରଦ-୨ | ୦.୦୫୦ | ଏ ୦.୦୦୫ ଡି | କୃଷ୍ଣ ଚନ୍ଦ୍ର ପାତ୍ର, ପି: ଶାମ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ, ସରୋଜିନୀ ଜେନା, ପି: ବିଶ୍ୱନାଥ ପାତ୍ର,ଜା-ଖଣ୍ଡାୟତ, ବା: ଗେଲପୁର, ପୋ-ନାହାଳପୁର, ଥା-ଗୋବିନ୍ଦପୁର, ଜି-କଟକ, ମଞ୍ଜୁଲତା ଜେନା, ପି-ବିଶ୍ୱନାଥ ପାତ୍ର, ଜା-ଖଣ୍ଡାୟତ, ବା: ରଘୁନାଥପୁର, ଥା-ନନ୍ଦନକାନନ, ଜି-ଖୋର୍ଦ୍ଧା, ସୁରତି ପାତ୍ର, ସ୍ୱା- ଧରଣୀ ପାତ୍ର, ମନ୍ମଥ ପାତ୍ର, ମହିନ୍ଦ୍ର ପାତ୍ର, ନିରୁପମା ପଢ଼ିହାରୀ, କୁନି ପାତ୍ର ଓରଫ ପାଇକରାୟ, କୁନ୍ତଳା ପାତ୍ର ଓରଫ ଜେନା, ପି: ଧରଣୀ ପାତ୍ର, ମନୋରମା ପାତ୍ର, ସ୍ୱା: ସୁରେନ୍ଦ୍ର ପାତ୍ର, ଶରତ ପାତ୍ର, ଅରୁଣ ପାତ୍ର, ପ୍ରତିଭା ପାତ୍ର ଓରଫ ସେଠୀ, ପି: ସୁରେନ୍ଦ୍ର ପାତ୍ର, କାଞ୍ଚନ ପାତ୍ର, ସ୍ୱା: ଲୋଚନ ପାତ୍ର, ପ୍ରଭାତୀ ପାତ୍ର, କାଦମ୍ବିନୀ ପାତ୍ର, ସୁମିତ୍ରା ପାତ୍ର, ଜାଗେଶ୍ୱରୀ ପାତ୍ର, ଟିକିନା ପାତ୍ର, କୁନି ପାତ୍ର, ପି: ଲୋଚନ ପାତ୍ର, ସତ୍ୟଭାବା ପାତ୍ର, ସ୍ୱା- ରାଜକିଶୋର ପାତ୍ର, ମଦନ ପାତ୍ର, ଝୁନୁ ପାତ୍ର, ମୀନା ପାତ୍ର, ପି: ରାଜକିଶୋର ପାତ୍ର, ଜା: ଖଣ୍ଡାୟତ, ବା/ପୋ-ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ରାଧାମୋହନ ଜେନା, ବସୁଦେବ ଜେନା, ଚିତ୍ତ ରଞ୍ଜନ ଜେନା, ପି: ବୈକୁଣ୍ଠନାଥ ପାତ୍ର, ଜା: ଖଣ୍ଡାୟତ, ବା: ବମିଖାନା, ପୋ-ରସୁଲଗଡ, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୪୦ | | | ୧୯୯ | ୧୨୫୩ | ଶାରଦ-୨ | ୦.୦୬୦ | ଏ ୦.୦୧୦ ଡି | ଦିଜବର ଯେନା, ପି-ଅପ୍ରତି ଯେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୧ | | | ୨୧୫ | ୧୨୭୯ | ଶାରଦ-୧ | ୦.୫୦୦ | ଏ ୦.୦୭୦ ଡି | ଧୂଳ ଯେନା, ପି: କଣ୍ଠ ଯେନା, ଜା-ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଦୁଇ ଅଣା ନଅ ପାହି, ବା: ଗଣେଶ ଯେନା,ଶିବ ଯେନା, ପି: ଶଙ୍କର ଯେନା, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଏକ ଅଣା ଛଅ ପାହି, ବା: ଚକ୍ରଧରପୁର ଯେନା, ପି: ରଘୁ ଯେନା, ଜା: ଖଣ୍ଡୟତ ବା: ନିଜଗାଁ, କିସ୍ମତ ଏକ ଅଣା ଛଅ ପାହି, ବା: କ୍ଷେତ୍ରବାସୀ ଯେନା, ପି: ଫଗୁ ଯେନା, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଦୁଇ ଅଣା ନଅ ପାହି, ବା: ଅଲେଖ ଯେନା, ପି-ଶାମ ଯେନା, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ସାତ ଅଣା ଛଅ ପାହି ବା: |
| ୪୨ | | | ୪୭୪/୪୭୫୬ | ୧୨୮୦ | ଶାରଦ-୨ | ୦.୧୨୦ | ଏ ୦.୦୬୫ ଡି | ବଂଶୀଧର ରାଉତ, ବେଣୁଧର ରାଉତ, ପି: ଦୈତାରୀ ରାଉତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୪୩ | | | ୪୭୪/୪୪୦୧ | ୧୨୮୦/୨୪୬୩ | ଶାରଦ -୨ | ୦.୧୧୦ | ଏ ୦.୦୪୫ ଡି | ପ୍ରମୋଦ କୁମାର ଜେନା, ପି: ଅଧିକାରୀ ଜେନା, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୪୪ | | | ୪୭୪/୩୯୮୩ | ୧୨୮୧ | ଘରବାରି | ୦.୨୪୦ | ଏ ୦.୧୯୦ ଡି | ପ୍ରମୋଦ କୁମାର ଜେନା, ପି: ଅଧିକାରୀ ଜେନା, ଜା: ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୪୫ | | | ୧୯୫ | ୧୨୮୨ | ଶାରଦ-୨ | ୦.୧୫୦ | ଏ ୦.୦୧୦ ଡି | ବଂଶୀଧର ରାଉତ, ବେଣୁଧର ରାଉତ, ପି: ଦୈତାରୀ ରାଉତ, ଜା-ଖଣ୍ଡାୟତ, ସା-ନିଜଗାଁ |
| ୪୬ | | | ୪୭୪/୪୯୪୭ | ୧୩୩୩/୫୪୯୭ | ଶାରଦ-୨ | ୦.୫୬୨ | ଏ ୦.୧୯୦ ଡି | ବଂଶୀଧର ପାଇକରାୟ, ପି: ଫକିର ପାଇକରାୟ, ଜା: ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି: ଖୋର୍ଦ୍ଧା |
| ୪୭ | | | ୪୭୪/୪୯୪୬ | ୧୩୩୩/୫୪୯୭ | ଶାରଦ-୧ | ୦.୧୮୭ | ଏ ୦.୦୩୦ ହି | କିଶୋର ଚନ୍ଦ୍ର ପାଇକରାୟ, ପି: ବାନାମ୍ବର ପାଇକରାୟ, ଜା: ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି - ଖୋର୍ଦ୍ଧା |
| ୪୮ | | | ୩୨ | ୧୩୩୫ | ଶାରଦ-୨ | ୦.୭୩୫ | ଏ ୦.୫୭୫ ଡି | ଆନନ୍ଦ ସାମଲ, ନାରଣ ସାମଲ, ବାନାମ୍ବର ସାମଲ, ପି- ମୁଳି ସାମଲ, ଗୋପି ସାମଲ, ବାବାଜି ସାମଲ, ପି-ଭ୍ରମର ସାମଲ, ଉଚ୍ଛବ ପରିଡା, ପି-ଭଗବାନ ପରିଡା, ନାଟ ପାତ୍ର, ପି: ଉଚ୍ଛବ ପାତ୍ର, ଜା-ଖଣ୍ଡାୟତ, ବା-ନିଜଗାଁ |
| ୪୯ | | | ୪୭୪/୩୮୨୨ | ୧୩୩୫/୪୭୦୧ | ଶାରଦ-୨ | ୦.୧୦୦ | ଏ ୦.୦୧୦ ଡି | ସସ୍ମିତା ସାମଲ, ସ୍ୱା-ଅଜୟ କୁମାର ସାମଲ, ଜା-ଖଣ୍ଡାୟତ, ସା-ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି- ଖୋର୍ଦ୍ଧା |
| ୫୦ | | | ୪୭୪/୩୧୮୧ | ୧୩୩୫/୪୮୫୬ | ଘରବାରି | ୦.୪୯୫ | ଏ ୦.୪୪୫ ଡି | କ୍ଷୀରୋଦା ମହାନ୍ତି, ସ୍ୱା-ବୈଷ୍ଣବ ଚରଣ ମହାନ୍ତି, ଜା-କରଣ, ସା-ମୁକୁନ୍ଦପୁର, ଥା/ଜି-ଜଗତସିଂହପୁର, |
| ୫୧ | | | ୪୭୪/୪୩୯୮ | ୧୩୩୫/୫୧୩୫ | ଶାରଦ-୨ | ୦.୧୦୦ | ଏ୦.୦୫୦ ଡି | ଶ୍ରୀମନ୍ତିନୀ ବିଶ୍ୱାଳ, ସ୍ୱା-ପ୍ରସନ୍ନ କୁମାର ବିଶ୍ୱାଳ, ରିଙ୍କି ବିଶ୍ୱାଳ, ପି-ପ୍ରସନ୍ନ କୁମାର ବିଶ୍ୱାଳ, ବା-ଖାଇରାଗଡ, ଥା-ବାଲିକୁଦା, ଜି-କଟକ, |
| ୫୨ | | | ୪୭୪/୬୨୮୨ | ୧୩୩୫/୫୭୭୪ | ଶାରଦ-୨ | ୦.୧୮୦ | ଏ ୦.୦୩୦ ଡି | ବିଜୟ କୁମାର ସାମଲ, ପି-ବଂଶୀଧର ସାମଲ, ଜା-ଖଣ୍ଡାୟତ, ବା: ପଟିଆ, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା |
| ୬୩ | | | ୩୨ | ୧୪୦୬ | ବିଆଳି ଦୋଫସଲି | ୦.୪୨୦ | ଏ ୦.୦୯୦ ଡି | ଆନନ୍ଦ ସାମଲ, ନାରଣ ସାମଲ, ବାନାମ୍ବର ସାମଲ, ପି-ମୁଳି ସାମଲ, ଗୋପି ସାମଲ, ବାବାଜି ସାମଲ, ପି-ଭ୍ରମର ସାମଲ, ଉଚ୍ଛବ ପରିଡା, ପି-ଭଗବାନ ପରିଡା, ନାଟ ପାତ୍ର, ପି-ଉଚ୍ଛବ ପାତ୍ର, ଜା-ଖଣ୍ଡାୟତ, ବା: ନିଜଗାଁ |
| ୫୪ | | | ୪୭୪/୨୪୦୦ | ୧୪୦୬/୧୮୮୧ | ବିଆଳି | ୦.୧୨୦ | ଏ ୦.୦୪୦ ଡି | ସ୍ୱର୍ଣ୍ଣଲତା ପ୍ରଧାନ, ସ୍ୱା-ମନ୍ମଥନାଥ ବିଶ୍ୱାଳ, ବା-ଡଗରା, ଥା-ବାଲିଆପାଳ, ଜି-ବାଲେଶ୍ୱର, ସୁଦର୍ଶନ ଦାସ, ପି: ବନମାଳୀ ଦାସ, ବା-ବଡପଡା, ଥା-ପଟ୍ଟାମୁଣ୍ଡେଇ, ଜି-କେନ୍ଦ୍ରପଡା, ଦିଲ୍ଲୀପ କୁମାର ମହାନ୍ତି, ପି-ବୈଦ୍ୟନାଥ ମହାନ୍ତି, ବା-ସୁନ୍ଦରାଗ୍ରାମ, ଥା-ଗୋବିନ୍ଦପୁର, ଜି-କଟକ, ଭୀମଚରଣ ପ୍ରଧାନ, ପି-ପୁର୍ଣ୍ଣଚନ୍ଦ୍ର ପ୍ରଧାନ, ବା-କାଳିମେଘା, ଥା-ତିହିଡି, ଜି-ବାଲେଶ୍ୱର, ଦିପକ ମୁାର ଦତ୍ତ, ପି-ସୁବୋଧ କୁମାର ଦତ୍ତ, ପ୍ଲଟ ନମ୍ବର ୧୩୧, ସତ୍ୟନଗର, ଭୁବନେଶ୍ୱର, ହେମନ୍ତ କୁମାର ପାତ୍ର, ପି-ଯୁଧିଷ୍ଠିର ପାତ୍ର, ବା-ତନୁପୁର, ଥା-ପଟ୍ଟାମୁଣ୍ଡାଇ, ଜି-କେନ୍ଦ୍ରାପଡା |
| ୫୫ | | | ୭୪୭/୨୩୮ | ୧୪୦୬/୧୮୮୧/ ୧୯୬୪ | ଘରବାରି | ୦.୧୦୦ | ଏ ୦.୦୪୫ ଡି | ସୁଚେତା ପ୍ରଧାନ, ସ୍ୱା-ହେମନ୍ତ କୁମାର ପାତ୍ର, ଜା-ଖଣ୍ଡାୟତ, ସା-ତନୁପୁର, ପୋ/ଥା-ପଟ୍ଟାମୁଣ୍ଡାଇ, ଜି-କେନ୍ଦ୍ରାପଡା |
| ୫୬ | | | ୪୭୪/୨୪୧ | ୧୪୦୬/୧୮୮୧/ ୧୯୬୭ | ଘରବାରି | ୦.୧୬୦ | ଏ ୦.୧୩୦ ଡି | ସ୍ୱର୍ଣ୍ଣଲତା ପ୍ରଧାନ, ସ୍ୱା-ମନ୍ମଥ ନାଥ ବିଶ୍ୱାଳ, ଜା-ଖଣ୍ଡାୟତ, ବା-ତଗରା, ଥା-ବାଲିଆପାଳ ଜି-ବାଲେଶ୍ୱର |
| ୫୭ | | | ୪୭୪/୨୪୨ | ୧୪୦୬/୧୮୮୧/ ୧୯୬୮ | ବିଆଳି | ୦.୧୩୦ | ଏ ୦.୧୧୫ ଡି | ଭୀମ ଚରଣ ପ୍ରଧାନ, ପି-ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଜା-ଖଣ୍ଡାୟତ, ସା-କାଳିମେଘା, ଥା-ତିହିଡି, ପୋ-ବିଦ୍ୟାଧରପୁର, ଜି- ବାଲେଶ୍ୱର |

ମୋଟ ରକବା ଏ. ୧୨.୬୫୯ ଡି.

ମୋଟ ପ୍ରସ୍ତାବିତ ଅଧିଗ୍ରହଣ ରକବା ଏ ୬.୫୦୮ ଡି

OIPR : 24381/14/0001/2425

**ସ୍ୱା/- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା**

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୭)
-ବିଭୂତିଯୋଗଃ-
( ଅର୍ଜ୍ଜୁନ ଉବାଚ )

**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋସି ଭଗବାନ୍ମୟା ।।୧୭।।**

(କହିବାର ଆବଶ୍ୟକତା ଦୁଇ ଶ୍ଳୋକରେ ଦେଖାଇ ପ୍ରାର୍ଥନା କରୁଛନ୍ତି)- ହେ ଯୋଗିନ୍ ! ତୁମକୁ ସବୁବେଳେ ଭାବୁଥିବା ମୁଁ ତୁମକୁ କିପରି ଜାଣିପାରିବି ? ହେ ଭଗବନ୍ ! କି କି ଭାବରେ ତୁମକୁ ଚିନ୍ତା କରିବି ।।୧୭।।

# ରାଜନୀତି ରଣନୀତି

**ସମ୍ପାଦକୀୟ**

ଆକଳନ ଭୁଲ ହେଲା । ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଲା ନାହିଁ । ହରିଆନା ବିଧାନସଭା ନିର୍ବାଚନରେ ବିଜେପି ୪୮ ଟି ଆସନ ଅକ୍ତିଆର କରି ତୃତୀୟ ଥର ପାଇଁ କ୍ଷମତାକୁ ଆସିଛି । ଏହି ଫଳାଫଳ ଅନେକ ରାଜନୀତି ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । କିନ୍ତୁ ଏହା ହିଁ ବାସ୍ତବତା । ଏ କଥା କୁହାଯାଇପାରେ ଯେ' ବିଜେପି ଜିତି ନାହିଁ, ବରଂ କଂଗ୍ରେସ ପରାସ୍ତ ହେଇଛି । ଏଠାରେ ବିଜେପି ବିଜୟ ହେବା ଯେତିକି ବଡ କଥା ନୁହେଁ, କଂଗ୍ରେସ ପରାସ୍ତ ହେବା ସେତିକି ବଡ କଥା । ଏହି ନିର୍ବାଚନ ଫଳାଫଳ ପ୍ରମାଣ କରିଛି ଯେ' କଂଗ୍ରେସର ଗ୍ରହଣୀୟତାରେ ଏବେବି କିଛି ନା କିଛି ଅସୁବିଧା ରହିଯାଉଛି ବା ଏହାର ଗ୍ରହଣୀୟତା ଅଛି, କିନ୍ତୁ ରଣନୀତି ନାହିଁ । କଂଗ୍ରେସର ଏକ ବଡ଼ ବିଜୟ ହେବ ବୋଲି ଆଶା କରାଯାଉଥିଲା, କିନ୍ତୁ ଏହାକୁ ଏଠାରେ ବଡ ଧରଣର ପରାସ୍ତର ସାମ୍ନା କରିବାକୁ ପଡିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ରଣନୀତିର ଚମତ୍କାରିତାର ଏହା ଏକ ବଡ ଉଦାହରଣ । ଦଳ ଆରମ୍ଭରୁ ଜାଣିଥିଲା ଯେ ହରିଆନାରେ ଜିତିବା ତାଙ୍କ ପାଇଁ କଷ୍ଟସାଧ ହେବ, ତେଣୁ ଦଳ ସେହି ଅନୁସାରେ ସ୍ଥିରତାର ସହ ଯୋଜନା କରିଥିଲା ଏବଂ ଅନ୍ୟପକ୍ଷରେ କଂଗ୍ରେସ ପୁଣିଥରେ ନିଜର ଅତ୍ୟଧିକ ଆତ୍ମବଡିମାର ଶିକାର ହୋଇଛି । ବିଜେପି ଯେତେବେଳେ ଅନୁଭବ କଲା ଯେ' ହରିଆନାର ଜନତା ତାଙ୍କ ଉପରେ ସନ୍ତୁଷ୍ଟ ନୁହନ୍ତି, ଏହା ଉପର ସ୍ତରରୁ ତଳ ସ୍ତର ପର୍ଯ୍ୟନ୍ତ ଦଳକୁ ସଂଗଠିତ କରିବାକୁ ଲାଗିଲା । ପ୍ରଥମ କାର୍ଯ୍ୟସ୍ୱରୂପ, ୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରି ଆସୁଥିବା ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇଦେଲା । ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ସ୍ଥାନରେ ନୟାବ ସିଂ ସାଇନିଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ସ୍ଥାପିତ କଲା ଏବଂ ଖଟ୍ଟରଙ୍କୁ ମଧ୍ୟ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିଲା । ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ସାଇନି ଅଳ୍ପ ସମୟ ମଧ୍ୟରେ ଅନେକଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ଯାହା ଭୋଟରଙ୍କୁ ହୁଏତ ଆକର୍ଷିତ କରିପାରିଛି । ମୋଟାମୋଟି ଭାବରେ ସାଇନି ଦାୟିତ୍ୱ ନେବା ପରଠାରୁ, ବିଜେପି ଏହାର ଭୋଟ ବ୍ୟାଙ୍କ ବଢାଇବା ପାଇଁ ଅନେକଗୁଡିଏ ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ଦଳ ହରାଇଥିବା ଲୋକପ୍ରିୟତାକୁ ପୁଣିଥରେ ଫେରିପାଇଛି । ଖୁସିର କଥା, ରଣନୀତିକୁ ଦଳର ସମସ୍ତ ନେତୃବୃନ୍ଦ ଏବଂ କର୍ମୀ ନିଷ୍ଠାର ସହ କାର୍ଯ୍ୟକାରୀ କରିବାରେ ସଫଳ ହେଲେ ଏବଂ ଦଳ ଅତି ସହଜରେ ହରିଆନାରେ କ୍ଷମତାକୁ ଆସିପାରିଲା । ଦ୍ୱିତୀୟତଃ, ବିଜେପି ଅଣ-ଜାଟ୍ ଭୋଟ୍ ନିଜ ସପକ୍ଷକୁ ଆଣିବାରେ ସଫଳ ହେଲା । ଜାଟ ଭୋଟ କିପରି ବିଭାଜିତ ନ ହେବ, ସେ ଦିଗରେ ମଧ୍ୟ ବିଜେପି ନେତୃତ୍ୱ ଯଥେଷ୍ଟ ଧ୍ୟାନ ଦେଲେ ଏବଂ ସଫଳ ମଧ୍ୟ ହେଲେ । ମୁଖ୍ୟମନ୍ତ୍ରୀ ଭାବରେ ସାଇନିଙ୍କ ନିଯୁକ୍ତି ଓବିସି ସମ୍ପ୍ରଦାୟକୁ ମଧ୍ୟ ଦଳ ସପକ୍ଷରେ ଆଣିବାରେ ସାହାଯ୍ୟ କରିଛି । ତୃତୀୟରେ, ବିଜେପି ଏହାର ବୃହତ ସାଙ୍ଗଠନିକ ଶକ୍ତି ତଥା ସମ୍ବଳ ସାହାଯ୍ୟରେ, ଏହା ସପକ୍ଷରେ ଥିବା ମତଦାତାଙ୍କ ମତଦାନକୁ ନିଶ୍ଚିତ କରାଇପାରିଛି ଏବଂ ସାଂଗଠନିକ ଶକ୍ତି ଅଭାବରୁ କଂଗ୍ରେସ ଏ କ୍ଷେତ୍ରରେ ବିଫଳ ହେଇଛି । ଚତୁର୍ଥରେ, ଭୋଟ୍ ଦେବାର ଶେଷ ଦିନ ପର୍ଯ୍ୟନ୍ତ କଂଗ୍ରେସ ଦଳ ମଧ୍ୟରେ ବିବାଦ ଲାଗିରହିଲା । ଭୁପିନ୍ଦର ସିଂ ହୁଡା ଏବଂ କୁମାରୀ ଶୈଳଜାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବିଜେପିକୁ ସୁହାଇଲା । ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱର ପ୍ରଭାବ କଂଗ୍ରେସ କର୍ମୀଙ୍କୁ ନିରୁତ୍ସାହିତ କଲା, ଯାହା ଭୋଟରେ ପ୍ରତିଫଳିତ ହେଲା । ପଞ୍ଚମରେ, ବିଜେପି ଭଳି ସୁନିୟନ୍ତ୍ରିତ, ସଂଗଠିତ, ଶୃଙ୍ଖଳିତ ଦଳ ସହ ଏକାକୀ ନିର୍ବାଚନ ଲଢ଼ି ନିର୍ବାଚନରେ ବିଜୟ ଲାଭ କରିବା କଂଗ୍ରେସ ପାଇଁ ଏତେ ସହଜ ନୁହେଁ । ତେଣୁ କଂଗ୍ରେସ ଅନ୍ୟ ସମଭାବାପନ୍ନ ଛୋଟ ଛୋଟ ଦଳ ସହ ଆସନ ବୁଝାମଣା କରିବାର ଥିଲା । ବିଜେପି ୩୯.୯୪ ପ୍ରତିଶତ ଭୋଟ ପାଇଥିବାବେଳେ କଂଗ୍ରେସ ୩୯.୦୯ ପ୍ରତିଶତ ଭୋଟ ପାଇଛି । ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୨୮.୦୮ ପ୍ରତିଶତ ଭୋଟ ପାଇଥିଲା ଏବଂ ଏଥର ଏହାର ଭୋଟ ହାରରେ ଉନ୍ନତି ଆସିଛି । ବିଜେପିର ଭୋଟ ହାରରେ ମଧ୍ୟ ଉନ୍ନତି ଆସିଛି । ଛୋଟବଡ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ହାର ହ୍ରାସ ପାଇଛି । କିନ୍ତୁ, ଦୁଇଟି ଛୋଟ ଦଳ, ଭାରତୀୟ ଜାତୀୟ ଲୋକ ଦଳ (ଆଇଏନ୍ଏଲ୍ଡି) ଏବଂ ଜନନାୟକ ଜନତା ପାର୍ଟି (ଜେଜେପି) ଦଳିତ ରାଜନୀତିରେ ଥିବା ଦଳଗୁଡିକ ସହ ସେମାନଙ୍କ ସହ ହାତ ମିଳାଇଥିଲେ । ବହୁଜନ ସମାଜ ପାର୍ଟି (ବିଏସପି) (ଆଇଏନ୍ଏଲ୍ଡି) ସହିତ ହାତ ମିଳାଇଥିବା ବେଳେ, ଚନ୍ଦ୍ରଶେଖର ଆଜାଦ ଜେଜେପି ହାତ ମିଳାଇ ଥିଲେ । ଏମାନଙ୍କ ମଧ୍ୟରୁ (ଆଇଏନ୍ଏଲ୍ଡି)-ବିଏସପି ମିଶ୍ରଣ ପ୍ରାୟ ୬ ପ୍ରତିଶତ ଭୋଟ୍ ପାଇବାରେ ସଫଳ ହୋଇଥିଲା ଏବଂ ଏହି ଦୁଇଟି ମେଣ୍ଟର ମିଳିତ ଭାବେ ପ୍ରାୟ ୭ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ । ଏହି ଭୋଟକୁ କଂଗ୍ରେସ ନିଜ ସପକ୍ଷରେ ଆଣିବା ପାଇଁ ଅନ୍ୟ ଦଳଙ୍କ ଆସନ ବୁଝାମଣା କରିପାରିଥିଲେ, କଂଗ୍ରେସ ନିଶ୍ଚିତ ଭାବରେ ଅଧିକ ଆସନ ସହ ସରକାର ଗଢ଼ିପାରିଥାନ୍ତା । ଏଥିସହ ଜାତିଗତ ଜନଗଣନା ଏବଂ ଅର୍ଥନୈତିକ ପାର୍ଥକ୍ୟ ଭଳି ଜାତୀୟ ପ୍ରସଙ୍ଗରେ କଂଗ୍ରେସ ଏହାର ପ୍ରଚାରରେ ଅତ୍ୟଧିକ ଗୁରୁତ୍ୱ ଦେଇଥିବାବେଳେ, ବିଜେପି ସ୍ଥାନୀୟ ସମସ୍ୟାକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିଲା ଯାହା ହୁଏତ କଂଗ୍ରେସ ପାଇଁ ଫଳପ୍ରଦ ହେଲାନାହିଁ । ବିଜେପି ଜିତିବା ପଛର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା । ତାଙ୍କ ନେତୃତ୍ୱରେ ଦେଶ ଅନେକ କ୍ଷେତ୍ରରେ ବିକାଶର ସ୍ୱାଦ ଚାଖିପାରିଛି, ଏହା କେହି ବି ଅସ୍ୱୀକାର କରିପାରିବେ ନାହିଁ । ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଉଣାଅଧିକେ ବହୁ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଇପାରିଛି ଏବଂ ତାଙ୍କର ବିଦେଶ ନୀତି ଯୋଗୁଁ, ସାରା ବିଶ୍ୱରେ ଆମ ଦେଶର ସମ୍ମାନ ବୃଦ୍ଧି ପାଇଛି ଏବଂ ଦେଶର ଗୁରୁତ୍ୱ ବଢିଛି ଯାହା ଦେଶ ମଧ୍ୟରେ, ତାଙ୍କର ସୁନାମକୁ ବହୁଗୁଣିତ କରିବାରେ ସାହାଯ୍ୟ କରିଛି । ତେଣୁ ଏହା ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ' ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଦୁର୍ନୀତିମୁକ୍ତ ଶାସନ ପାଇଁ ମୋଦୀଙ୍କ ପ୍ରତିଶ୍ରୁତି ଭୋଟରଙ୍କୁ ବହୁ ପରିମାଣରେ ଆକର୍ଷିତ କରିପାରିଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଯୁଗେ ଯୁଗେ ମାତୃ ଶକ୍ତି



**ନେତାଜୀ ତାପସ କୁମାର ସାହୁ**

ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟର ବିଜୟ ଧ୍ୱଜା ଉଡ଼ାଇବା ପାଇଁ ଯୁଗେ ଯୁଗେ ପ୍ରଭୁ ଧରାବତରଣ କରିଥାନ୍ତି ଏବଂ ମା' ଜଗତ ଜନନୀଙ୍କ ଭୂମିକା ପ୍ରତିଟି ଅବତାରରେ ଗୁରୁତ୍ୱପୂର୍ଣ୍ଣ ସଦାସର୍ବଦା ରହିଥାଏ । ତେଣୁ ଶକ୍ତି ଉପାସନା ସୃଷ୍ଟି ଆରମ୍ଭରୁ ହିଁ ପ୍ରଚଳିତ ।

କିଛି ଶତାବ୍ଦୀ ତଳେ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇନଷ୍ଟାଇନ କହିଥିଲେ, 'ଶକ୍ତିକୁ ସୃଷ୍ଟି କରାଯାଇ ପାରିବ ନାହିଁ କିମ୍ବା ବିନାଶ କରାଯାଇ ପାରିବ ନାହିଁ । ଏହା କେବଳ ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ ।' କିନ୍ତୁ ଏହି ବୈଜ୍ଞାନିକ ସିଦ୍ଧାନ୍ତର କୋଟି କୋଟି ବର୍ଷ ପୂର୍ବରୁ ଦେବୀ ଆରାଧନା ଏହି ସିଦ୍ଧାନ୍ତ ପ୍ରଦାନ କରିଛି । ପୌରାଣିକ ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଠାରୁ ନେଇ ଅଧୁନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାଏ ପ୍ରତିଟି ମାନବୀୟ ଲୀଳା ପଛରେ ଦେବୀଙ୍କର ପ୍ରଚ୍ଛନ୍ନ ହାତ ରହିଛି ।

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅବତାର ଗ୍ରହଣର ମୁଖ୍ୟ ଲକ୍ଷ୍ୟ ଥିଲା ରାବଣର ଅତ୍ୟାଚାରରୁ ସାଧୁ ସନ୍ଥମାନଙ୍କୁ ସୁରକ୍ଷା ଦେବା ତଥା ନାରୀ ସମ୍ମାନ ଓ ସତ୍ୟର ପୁନଃ ପ୍ରତିଷ୍ଠା କରିବା । ଏହି କାର୍ଯ୍ୟରେ ଦେବୀ ଦୁର୍ଗାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଚାରି ମାସ ଦେବ ଶୟନ ସମୟ ଚାଲିଥିବାବେଳେ ରାବଣର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ପ୍ରଭୁ ରାମ ଆଶ୍ୱିନ ମାସର ଏହି ଅକାଳ ସମୟରେ ମାଆ ଦୁର୍ଗାଙ୍କର ଆରାଧନା କରିଥିଲେ, ଯାହାକି ଆଜିବି ଆମେମାନେ ଶାରଦୀୟ ଦୁର୍ଗାପୂଜା ରୂପେ ପାଳନ କରିଥାଉ ।

ମାଆ ଦୁର୍ଗା ରାମଚନ୍ଦ୍ରଙ୍କ ଭକ୍ତିରେ ପ୍ରସନ୍ନ ହୋଇଥିଲେ ମଧ୍ୟ ତାଙ୍କର ପରୀକ୍ଷା ନେବା ପୂର୍ବକ ପୂଜାରେ ଅର୍ପଣ କରାଯାଇଥିବା ୧୦୮ ଟି ନୀଳପଦ୍ମ ମଧ୍ୟରୁ ଗୋଟିଏକୁ ଲୁଚେଇ ଦେଇଥିଲେ । ରାମଚନ୍ଦ୍ର ୧୦୭ଟି ନୀଳପଦ୍ମ ମାଆଙ୍କୁ ଅର୍ପଣ କରିବା ପରେ, ଶେଷରେ ଯେତେବେଳେ ଗୋଟିଏ ଫୁଲ ପାଇନଥିଲେ, ସେତେବେଳେ, ନିଜର ତୂଣୀରରୁ ଶର ବାହାର କରି ମାଆଙ୍କୁ ନିଜର ଚକ୍ଷୁ ସମର୍ପଣ କରିବା ପାଇଁ ଉଦ୍ୟତ ହେଇଥିଲେ । କାରଣ ତାଙ୍କୁ ରାଜୀବ ଲୋଚନ କୁହାଯାଏ । ଏହି ସମୟରେ ମାଆ ପ୍ରକଟ ହୋଇ ରାମଙ୍କୁ ରୋକିବା ସହ ବିଜୟ ପାଇଁ ଅଭୟବର ପ୍ରଦାନ କରିଥିଲେ । ଯଦି ରାମଚନ୍ଦ୍ର ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଛନ୍ତି, ତେବେ ଏଥିପାଇଁ ମାତୃଶକ୍ତିର ଅଲୌକିକ ଆଶୀର୍ବାଦ ରହିଛି ।

ଦ୍ୱାପର ଯୁଗରେ କଂସର ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ଧରାକୁ ରକ୍ଷା କରିବା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଗମନ କରିଥିଲେ । ତେବେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଦେବୀ ଯୋଗମାୟା ନିଜେ ଜନ୍ମ ହୋଇ କଂସକୁ ବଧ କରିବା ନିମନ୍ତେ କୃଷ୍ଣ ଆସୁଥିବାର ସୂଚନା ଦେଇଥିଲେ । ଯେଉଁଥିପାଇଁ ଆଜିବି ଜନ୍ମାଷ୍ଟମୀ ତିଥିରେ ଦୁର୍ଗାପୂଜା ପାଇଁ ନଦୀ ତଟରୁ ମୃତ୍ତିକା ସଂଗ୍ରହ ପରମ୍ପରା ରହିଛି ।

କଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ବଡ ଠାକୁର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ହେଉଛନ୍ତି ପ୍ରତିଟି ଓଡ଼ିଆର ପ୍ରାଣକେନ୍ଦ୍ର । ତେବେ ଶ୍ରୀକ୍ଷେତ୍ର ଧାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମାଆ ବିମଳା, ଯାହାଙ୍କ ପାଖରେ ପ୍ରତିଦିନ ପ୍ରସାଦ ଲାଗିହେଲା ପରେ ହିଁ ତାହା ମହାପ୍ରସାଦରେ ପରିଣତ ହୁଏ । ରଥଯାତ୍ରା ସମୟରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ସମ୍ପୂର୍ଣ୍ଣ ଭାବେ ମାତୃଶକ୍ତିର ପ୍ରତୀକ ହୋଇଥିବାବେଳେ ରଥାରୂଢ ଦିଅଁଙ୍କ ସମ୍ମୁଖରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଏହି ଅଧରପଣା ନୀତିରେ ବ୍ୟବହୃତ ହେଉଥିବା ପଣାକୁ ତିନି ରଥରେ ବିରାଜିତ ଓ ସୁରକ୍ଷା କରୁଥିବା ଚଣ୍ଡୀଚାମୁଣ୍ଡାମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ । ସେହିପରି ଆଶ୍ୱିନ ମାସରେ ଅନୁଷ୍ଠିତ ହେଉଥିବା ଶାକ୍ତ ଗୁଣ୍ଡିଚାରେ, ଦେବୀ ଦୁର୍ଗାଙ୍କ ସହ ଜଗନ୍ନାଥ ବିଜେ ହୋଇଥାନ୍ତି, ଯାହାକୁ ସାଧାରଣତଃ ଦୁର୍ଗା ମାଧବ ଉପାସନା କୁହାଯାଏ ।



ମାନବୀୟ ଲୀଳା କରୁଥିବା ଦାରୁ ବିଗ୍ରହମାନଙ୍କ ନୂତନ ଦାରୁ ସନ୍ଧାନ ନିମନ୍ତେ ଯୋଡା ଆଷାଢ଼ ବର୍ଷରେ ଅନୁଷ୍ଠିତ ହେଉଥିବା ନବକଳେବର ସମୟରେ ବନଜାଗ ଯାତ୍ରା ଏକ ପ୍ରମୁଖ ପର୍ବ । ଏହି ସମୟରେ ନୂତନ ଦାରୁ କେଉଁଠାରେ ଅଛନ୍ତି, ଏଥି ନିମନ୍ତେ କାକଟପୁର ସ୍ଥିତ ମାଆ ମଙ୍ଗଳାଙ୍କ ମନ୍ଦିରରେ ଦଇତାପତିମାନେ ଅଧିଆ ପଡିଥାନ୍ତି । ମାଆ ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ସେମାନେ ଆଶୀର୍ବାଦ ଗ୍ରହଣ ପୂର୍ବକ ଦାରୁ ସନ୍ଧାନରେ ଆଗକୁ ବଢ଼ିଥାନ୍ତି । ତେଣୁ ଶକ୍ତିଙ୍କ ସାହାଯ୍ୟରେ ହିଁ ସବୁକିଛି ଲୀଳା ସମ୍ପାଦନ ହୋଇଥାଏ ।

ଆଜିବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପାଲା ଗାୟନ ପୂର୍ବରୁ ପାଲା ଗାୟକମାନେ ମାଆ ଶାରଳାଙ୍କ ଆଶୀର୍ବାଦ ନେଇ ପାଲା ଗାଇଥାନ୍ତି । ଶେଷରେ ଏତିକି କୁହାଯାଇପାରେ ଶକ୍ତି ସ୍ୱରୂପାଙ୍କ ବିନା ଏ ସଂସାର ଅସାର ଓ ନିଷ୍କ୍ରିୟ ସମାନ । ସଂସାରର ଏପରି କୌଣସି କାର୍ଯ୍ୟ ନାହିଁ ଯେଉଁଠି ଦେବୀ ଶକ୍ତିଙ୍କ ବିନା ପରିକଳ୍ପନା ସମ୍ଭବ । ତେଣୁ ଶକ୍ତି ଆରାଧନାର ଏହି ଶାରଦୀୟ ପର୍ବରେ ସମସ୍ତେ ମାଆଙ୍କୁ ଭକ୍ତିପୂତ ଆରାଧନା କରି ତାଙ୍କ ଆଶୀର୍ବାଦ ଲାଭ ପାଇଁ ଏକନିଷ୍ଠ ହେବା ।

**ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ,**
**ଡ. ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର**
**ମୋ- ୮୨୬୦୩୫୬୧୧୩**

# କନ୍ୟା ରନ୍ କର ଯତ୍ନ



**ଚିତ୍ତରଞ୍ଜନ ପୃଷ୍ଟି**

ନାରୀ ଓ ପୁରୁଷ ଉଭୟ ସମାଜର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଜଣଙ୍କ ବିନା ଆଉ ଜଣଙ୍କ ଅସ୍ତିତ୍ୱ ଅଦୃଶ୍ୟ । ଗୋଟିଏ ସୁସ୍ଥ ସମାଜ ଗଠନରେ ପୁରୁଷର ଭୂମିକା ଯେତିକି ରହିଛି, ଗୋଟିଏ ନାରୀର ଭୂମିକା ମଧ୍ୟ ସେତିକି ରହିଛି । କଥାରେ ଅଛି ଗୋଟିଏ ନାରୀ ଶିକ୍ଷିତ ହୋଇ ପାରିଲେ ସେ ସମଗ୍ର ପରିବାରକୁ ଶିକ୍ଷିତ କରିପାରିବ । କିନ୍ତୁ ଆଜିର ସଭ୍ୟ ସମାଜରେ କନ୍ୟାଟିଏ ଅବଳା, ଦୁର୍ବଳା ଆଉ ଅଲୋଡା । ବର୍ତ୍ତମାନ ପରିସ୍ଥିତିରେ ପୁଅଟିଏ ଜନ୍ମ ହେଲେ ଲୋକମାନଙ୍କ ଖୁସି କହିଲେ ନସରେ, କିନ୍ତୁ କନ୍ୟାଟିଏ ଜନ୍ମ ହେଲେ ସତେ ଯେମିତି ଅନେକଙ୍କ ପାଦ ତଳୁ ମାଟି ଖସିଯାଏ । ମନେହେଉଛି, ପୁଅ ଝିଅ ମଧ୍ୟରେ ଭେଦଭାବ ସତେ ଯେମିତି ମଣିଷ ମନରେ ବସା ବାନ୍ଧି ରହିଛି । ଆଦ୍ୟଶକ୍ତି ମାଆ ଠାରୁ ଆମେ ସୃଷ୍ଟି । ମାଆ ଗର୍ଭରେ ଭ୍ରୁଣ ସଞ୍ଚାର ହୋଇ ୧୦ ମାସ ୧୦ ଦିନ ରହିବା ପରେ ଭୂମିଷ୍ଠ ହୁଏ ସନ୍ତାନ । କିନ୍ତୁ ସ୍ଥଳବିଶେଷରେ, କନ୍ୟା ସନ୍ତାନ ପରିବାର ପାଇଁ ବୋଝ ବୋଲି ଜନ୍ମଦାତା ମାଆ ମଧ୍ୟ ଭାବିଥାଏ । ସେ ନିଜେ ମହିଳା ହୋଇ ମଧ୍ୟ ଆଗ୍ରହ ଥାଏ ପୁତ୍ର ସନ୍ତାନ ପାଇଁ । ଯାହା ଫଳରେ ବିଶ୍ୱରେ ମହିଳା ଅନୁପାତ କମିବାରେ ଲାଗିଛି ।

ସ୍ୱାଧୀନତାର ଏତେ ବର୍ଷ ପରେ ଆଜି ବି ଥମିନି କନ୍ୟାଭ୍ରୁଣ ହତ୍ୟା ପରି ଜଘନ୍ୟ ଅପରାଧ । କଅଁଳ ଫୁଲ କଢିଟେ ଫୁଟିବା ଆଗରୁ ଛିଣ୍ଡେଇ ଦେବା ଭଳି, ମାଆ ଗର୍ଭରୁ ଲିଙ୍ଗ ନିରୂପଣ କରାଯାଏ । କେତେକ କ୍ଷେତ୍ରରେ କନ୍ୟାଭ୍ରୁଣକୁ ମାରିଦିଆଯାଏ । ସମାଜ ଏତେ ସଭ୍ୟ, ଶିକ୍ଷିତ ହେବାପରେ ବି ନାରୀ ଆଜି ମଧ୍ୟ ହୁଏ ହୀନମନ୍ୟତାର ଶିକାର । ଲୋକ ଆଧୁନିକତା ଆଡ଼କୁ ଗତି କରୁଥିଲେ ମଧ୍ୟ ଆଜି ବି ସମାଜରେ ଝିଅ ଓ ପୁଅମାନଙ୍କ ଭିତରେ ପ୍ରଭେଦ ପରି ଘଟଣାମାନ ଅନେକାଂଶରେ ନଜର ଆସୁଛି । ସମାଜରେ ପ୍ରାୟ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସୁଛି । ଶିକ୍ଷା ହେଉ କି ଅଧିକାର,ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମନା କରି ଆସିଛି ଝିଅ । ଏପରିକି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବାର ମଧ୍ୟ ଦେଖିବାକୁ ମିଳିଛି । ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ଦେଖା ଦେଇଛି ଝିଅମାନଙ୍କ କ୍ଷେତ୍ରରେ ।

ଲିଙ୍ଗଗତ ବୈଷମ୍ୟତାକୁ ଦୂର କରି କନ୍ୟା ସନ୍ତାନମାନଙ୍କୁ ସବୁ କ୍ଷେତ୍ରରେ ସମାନ ଗୁରୁତ୍ୱ ପ୍ରଦାନ କରି ଏକ ସମୃଦ୍ଧ ଏବଂ ଉଜ୍ଜଳ ସମାଜ ଗଠନ କରିବା ଦିଗରେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ । ଝିଅମାନେ ଦକ୍ଷତା ସମ୍ପନ୍ନ ହେଲେ ଦେଶ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ଭାବେ ପରିଗଣିତ ହୋଇପାରିବେ । ଏଥିପାଇଁ ପ୍ରଥମେ ଆମ ମାନସିକତାକୁ ପରିବର୍ତ୍ତନ କରିବାକୁ ପଡିବ । ମନରୁ ପ୍ରଥମେ ପୁଅ ଓ ଝିଅର ତୁଳନାକୁ ଦୂର କରିବାକୁ ପଡିବ । ଉଭୟଙ୍କର ଆବଶ୍ୟକତା ସମାଜକୁ ସମାନ ଭାବରେ ରହିଛି, ପୁଅକୁ ଝିଅ ସହ ତୁଳନା କିମ୍ବା ଝିଅକୁ ପୁଅ ସହ ତୁଳନା କରିବାର ଆବଶ୍ୟକତା ନାହିଁ । ନଚେତ୍ ସୁସ୍ଥ ସମାଜ ଗଠନ କରିବା ଅସମ୍ଭବ ହୋଇପଡିବ । ଯଦି ଆମେ ଆମ ଘରୁ ପରିବର୍ତ୍ତନ ଆରମ୍ଭ କରିବା, ତେବେ ନିଶ୍ଚିତ ରୂପେ ସମାଜରେ ପରିବର୍ତ୍ତନ ଆସିପାରିବ ।

ଆଜି ବି ସମାଜରେ ଧାରଣା ରହିଛି ଯେ, ପୁଅଟିଏ ଜନ୍ମହେଲେ, ରୋଜଗାର କରି ପରିବାର ପ୍ରତିପୋଷଣ କରିବ ଓ ବଂଶ ରକ୍ଷା କରିବ । କନ୍ୟା ସନ୍ତାନ ଜନ୍ମ ହେଲେ ପରଘରକୁ ଚାଲିଯିବ ଏବଂ ବିବାହ ବେଳେ ଯୌତୁକ ପାଇଁ ମାଆବାପାଙ୍କ ଲାଗି ବୋଝ ସାଜିବ । ଏଭଳି ହୀନ ମାନସିକତା ଯୋଗୁଁ ସମାଜରେ ଦିନକୁ ଦିନ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମିବାରେ ଲାଗିଛି । 'ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପୁରା ସମାଜରେ ଲିଙ୍ଗୀୟ ଭେଦଭାବ ଓ ତାଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହା ବ୍ୟତୀତ ଶିକ୍ଷା, ପୋଷଣ, କାନୁନ କ୍ଷେତ୍ରରେ ଅଧିକାର, ଚିକିତ୍ସା, ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ବାଲ୍ୟ ବିବାହ ରୋକିବା ଏହାର ଉଦ୍ଦେଶ୍ୟ ।

ନାରୀକୁ ସମାଜରେ ସେତିକି ସମ୍ମାନ ମିଳିନଥାଏ, ଯେତିକି ପାଇବାକୁ ସେ ହକ୍‌ଦାର । ବର୍ତ୍ତମାନର ଆଧୁନିକ ଯୁଗରେ ବି ଲୁକ୍କାୟିତ ଭାବେ କନ୍ୟା ଭ୍ରୁଣ ହତ୍ୟା ହେଉଛି । ସେହିପରି ଆଉ



କେଉଁଠି ନବବିବାହିତା ବଧୂକୁ ସାମାନ୍ୟ କେଇଟା ଟଙ୍କା ପାଇଁ ମାରି ଦିଆଯାଉଛି । ଆଜିର ଦିନରେ ସାରା ଦେଶରେ ଝିଅମାନଙ୍କ ସମ୍ମାନ ଓ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ସମାଜରେ ବହୁଳ ଭାବେ ହେଉଥିବା କନ୍ୟାଭ୍ରୁଣ ହତ୍ୟା, ଯୌତୁକ ନିର୍ଯାତନା, ଦୁଷ୍କର୍ମ ଆଦି ସାମାଜିକ ବ୍ୟାଧିକୁ ରୋକିବା ଓ କନ୍ୟାମାନଙ୍କୁ ସମ୍ମାନର ସହ ସମାଜରେ ବଞ୍ଚିବାକୁ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଶିଶୁକନ୍ୟାମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ସହ ସେମାନଙ୍କର ପାରଦର୍ଶିତାକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଆଜି 'ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' ପାଳିତ ହେଉଛି । ଏହି ଦିବସରେ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ, ବରଂ ଏହା ସହିତ କନ୍ୟାମାନଙ୍କର ଅସୁବିଧାର ସମାଧାନ କିପରି ହୋଇପାରିବ, ତାହାକୁ ମଧ୍ୟ ଧ୍ୟାନ ଦିଆଯାଏ ।

ଆଜି ହେଉଛି 'ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' । ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି । ତେବେ କନ୍ୟା ଭ୍ରୁଣ ହତ୍ୟା ରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁ କନ୍ୟାଙ୍କ ଶିକ୍ଷା, ପୃଷ୍ଟି, ସ୍ୱାସ୍ଥ୍ୟ, ଆଇନଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୋଧରେ ଦେଖା ଦେଉଥିବା ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟ ବିବାହ ପ୍ରଥା ରୋକିବା ଆଦି ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଭାବେ ପାଳନ କରାଯାଉଛି ।

ବିଶ୍ୱରେ ଶିଶୁ କନ୍ୟାଙ୍କ ପ୍ରତି ଦେଖା ଦେଉଥିବା ଅନ୍ୟାୟ ଓ ଅତ୍ୟାଚାର ରୋକିବା ଉଦ୍ଦେଶ୍ୟରେ କେତେକ ସାମାଜିକ ସଂଗଠନ ଏବଂ ସଦସ୍ୟ ରାଷ୍ଟ୍ରଙ୍କ ପ୍ରସ୍ତାବକ୍ରମେ ୨୦୧୨ ଅକ୍ଟୋବର ୧୧ ତାରିଖରେ ମିଳିତ ଜାତିସଂଘ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା । ଏହି ଦିବସ ପାଳନ ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଲିଙ୍ଗଗତ ବୈଷମ୍ୟ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ । କେବଳ ସରକାର ନୁହେଁ ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରୀ । ସବୁ ଯୋଜନା ସତ୍ତ୍ୱେ କନ୍ୟା ସନ୍ତାନ ଆଜି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହନ୍ତି । ଯୌତୁକ ନିର୍ଯାତନା, ଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଯେଉଁ ଦିନ ଆମେ ନିଜେ ନିଜର ମାନସିକତାକୁ ବଦଳାଇପାରିବା, ସେହିଦିନ ସମାଜରେ ଏକ ବଡ଼ ପରିବର୍ତ୍ତନ ନିଶ୍ଚୟ ହେବ । ସମାଜ ପ୍ରଗତି ପଥରେ ଆଗେଇ ପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ନିମାପଡା, ପୁରୀ**
**ମୋ-୯୭୭୮୧୭୭୫୦୧**

# ଆଜିର ଆହ୍ୱାନ: ବିପର୍ଯ୍ୟୟର ମୁକାବିଲା

ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ 'ଅନ୍ତର୍ଜାତିକ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ' ରୂପେ ପାଳନ କରାଯାଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ହେଉଛି ଆମର ଚିର ସହଚର । ପ୍ରକୃତି ଉପରେ ବିପର୍ଯ୍ୟୟ କାଳକ୍ରମେ ଲାଗି ରହିଛି । ମାତ୍ର ପ୍ରକୃତି ଯେ ସର୍ବଦା ମନୁଷ୍ୟର ହିତ କାର୍ଯ୍ୟରେ ନିୟୋଜିତ ହୋଇ ଆସେ, ତାହା ବର୍ତ୍ତମାନ ମନୁଷ୍ୟ ଅନେକାଂଶରେ ଭୁଲିବାକୁ ଲାଗିଛି । ତେଣୁ ସେ ବିଷୟରେ ଜନସଚେତନା ସୃଷ୍ଟି କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ହ୍ରାସ କରିବା ପାଇଁ ଉଦ୍ୟମ କରିବା ସହିତ ନିଜର କାର୍ଯ୍ୟକ୍ରମ ଜରିଆରେ ପ୍ରକୃତିକୁ ସଂଯତ ଓ ମଧୁମୟ କରିବା ପାଇଁ ଏହି ଦିନ ଜନ ସଚେତନତା ସୃଷ୍ଟି କରାଯାଇଥାଏ । ସମଗ୍ର ପୃଥିବୀରେ ଭାରତ ପରି, ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରୁଥିବା ଗଣତାନ୍ତ୍ରିକ ରାଷ୍ଟ୍ର ହୁଏତ ଖୁବ୍ କମ୍ ଅଛନ୍ତି, ଯେଉଁମାନେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କଲାବେଳେ ନିଜର ଅସୀମ ତ୍ୟାଗ ଓ ନିଃସ୍ୱାର୍ଥପର ସେବାକୁ ପ୍ରାଥମିକତା ଦେଇଥାନ୍ତି ।

କେବଳ ପୃଥିବୀର ଭାରତ ନୁହେଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ସୁନାମୀ ହେଉ ବା ବନ୍ୟା, ବାତ୍ୟା ହେଉ ବା ଲାର୍ଭା ଉଦ୍‌ଗୀରଣ ଆଦି ଅନେକ ଭୟାବହ ପ୍ରାକୃତିକ ବିପର୍ଯ୍ୟୟକୁ ସମସ୍ତେ ପ୍ରାୟ ବର୍ଷର ବିଭିନ୍ନ ସମୟରେ ସାମ୍ନା କରିଥାନ୍ତି । ତେବେ ଆଜି ସମଗ୍ର ପୃଥିବୀରେ ଯେତେବେଳେ ଆମେ ଅନେକେ ଚନ୍ଦ୍ରପୃଷ୍ଠରେ ଖଣ୍ଡେ ଜାଗା କିଣିବାକୁ ସାମର୍ଥ୍ୟ ରଖୁଛେ, ସେ ସମୟରେ ଏହି ସମସ୍ୟା ବେଶ୍ ଚିନ୍ତାଜନକ ।

ଆଜିକା ସମୟରେ ଆମ ସମସ୍ତଙ୍କର ଜନଜୀବନର ଚିନ୍ତନ ଓ ଦାୟିତ୍ୱବୋଧତା ଯେଉଁପରି ପ୍ରତିଟି ମୁହୂର୍ତ୍ତରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ହିଁ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି, ଆମମାନଙ୍କର ପ୍ରତିଟି କ୍ଷଣରେ ଘଟୁଥିବା ଜୀବନ ପାଇଁ ଯେଉଁ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକୂଳତା ରଖିଥାଏ, ସେ ମୁହୂର୍ତ୍ତକୁ କିପରି ହ୍ରାସ କରାଯାଇପାରିବ ସେ ନେଇ ନିଜର ସାମର୍ଥ୍ୟ ରଖିବା ।

ଆଜି କେବଳ ଭାରତ ନୁହେଁ, ସମଗ୍ର ପୃଥିବୀର ବଡ଼ ଶକ୍ତିଶାଳୀ ସାମର୍ଥ୍ୟଭରା ରାଷ୍ଟ୍ର ରଖୁଥିବା ଆମେରିକା ହେଉ ବା ଚୀନ, ରୁଷ, ଜର୍ମାନ, ଜାପାନ ପ୍ରଭୃତି ସମସ୍ତେ ଭୟାବହ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛନ୍ତି । କିନ୍ତୁ ଏହି ଭୟାବହତାକୁ ସାମ୍ନା କରୁଥିବା ସମସ୍ତଙ୍କ ଭିତରେ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଲଢ଼ିବା ପାଇଁ କେଉଁମାନଙ୍କ ଭିତରେ ବା ସାମର୍ଥ୍ୟ ରହିଥାଏ ? ପ୍ରାକୃତିକ ବିପର୍ଯ୍ୟୟକୁ ବିରୋଧ କରିବା ପାଇଁ ଆଜିକାଲି ସୂଚନା ପ୍ରଯୁକ୍ତିର କୌଶଳ ଆମ ସମସ୍ତଙ୍କ ପାଇଁ ଢ଼େର ଘଣ୍ଟା ପୂର୍ବରୁ ସୂଚନାମୂଳକ ତଥ୍ୟ ଦେଇଥାଏ । କିନ୍ତୁ ଏହାର ମୂଲ୍ୟ ଆମମାନଙ୍କ ଉପରେ ପଡ଼ିବାର ସେପରି ସାମର୍ଥ୍ୟ ରଖିନଥାଏ ।

ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରକୁ ଦେଖିଲେ ସମଗ୍ର ପୃଥିବୀର ମରୁ ଉଦ୍ୟାନ ରାଷ୍ଟ୍ର ହେଉ ବା ସମୁଦ୍ରର ସମୀପ ନିକଟବର୍ତ୍ତୀ ରାଜ୍ୟ, ସମସ୍ତେ ଏହି ଦୁଃଖକୁ ଅନେକାଂଶରେ ସାମ୍ନା କରୁଛନ୍ତି । ଭାରତ ବର୍ଷର ଓଡ଼ିଶା ପରି ଏକ କୃଷିବହୁଳ ରାଷ୍ଟ୍ରରେ, କିଛି ବର୍ଷ ତଳେ ୧୯୯୯ରେ ଭୟାବହ ଆତଙ୍କ ସୃଷ୍ଟିକାରୀ ମହାବାତ୍ୟାର ତାଣ୍ଡବ ରୂପ ଏହି ଛୋଟ ରାଜ୍ୟଟିକୁ ତାର ପ୍ରଗତିରେ ପ୍ରତିବନ୍ଧକ ସାଜିଥିଲା ।

ପରବର୍ତ୍ତୀ ସମୟରେ ଫାଇଲିନ୍ ହେଉ ବା ହୁଡ୍‌ହୁଡ୍ ଓଡ଼ିଶା ପରି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସମଗ୍ର ପୃଥିବୀରେ ସହାୟତାର ଦୃଷ୍ଟାନ୍ତ ରହିଥିବା ବିଭିନ୍ନ ବ୍ୟକ୍ତିବିଶେଷ ନିଜ ସୀମାସାଧ ମତେ ବା ସଂଗଠନର ମାଧ୍ୟମରେ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିଲେ । ତେବେ ଏ କ୍ଷେତ୍ରରେ ଅନ୍ୟ ଏକ ଦୃଷ୍ଟିକୋଣ ବି ରହିଛି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାର ଯଥେଷ୍ଟ ପୂର୍ବରୁ ଆମମାନଙ୍କ ଭିତରେ ଏହି ଦୁଃଖଦ ମୁହୂର୍ତ୍ତକୁ ଲଢ଼ିବା ପାଇଁ ନିଜ ସଂକଳ୍ପ ଭିତରେ ସାମର୍ଥ୍ୟ ରଖିବା । ଆଜି 'ଆନ୍ତର୍ଜାତିକ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ' ଅବସରରେ, ଆମ ସମସ୍ତଙ୍କ ଭିତରେ ନିଜ ନିଜ ଜୀବନକାଳ ଭିତରେ ପ୍ରକୃତିର ତାଣ୍ଡବକୁ ସାମ୍ନା କରୁଥିବା, ଆମମାନଙ୍କର ପରିଚିତ ମାନବୀୟ ଦୃଷ୍ଟିକୋଣରୁ, ସତୀର୍ଥମାନଙ୍କ ପାଇଁ ଆମ ଦାୟିତ୍ୱବୋଧତାକୁ ନିଜ ସୀମା ସାଧ ଭିତରେ ତୁଲାଇବା ।

ଏହି ଅନୁଚିନ୍ତା ଆଜିପରି ଏକ ସ୍ମରଣୀୟ ଦିନରେ ଆମ ମଧ୍ୟରେ ଜାଗ୍ରତ ହେଲେ, ଆମ ସମସ୍ତଙ୍କ ଭିତରେ ଭଲ ପାଇବା ଓ ସହଯୋଗର ହାତ ନିଶ୍ଚିତ ବଢ଼ିପାରିବ ବୋଲି ବିଶ୍ୱାସ ବୃଦ୍ଧି ହୋଇପାରିବ ।

**ଡ. ଅରୁନ୍ଧତୀ ଦେବୀ**
**କଟକ, ମୋ-୯୯୩୭୧୭୨୮୧୦**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**


ବମିଖାଲ


ଝାଡପଡା


ସହିଦନଗର

ଭୁବନେଶ୍ୱରରେ ପୂଜା ପାଉଛନ୍ତି ମା

### ଖୋର୍ଦ୍ଧାରେ ଏସପି ସାଗରିକା ନାଥଙ୍କ ଯୋଗଦାନ

# ଥରିଲେଣି ଅଭ୍ୟାସଗତ ଅପରାଧୀ ଓ ପାଉ ବେପାରୀ

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ଏସପି ଭାବେ ଆଇପିଏସ୍ ସାଗରିକା ନାଥ ଗତ ୫ ତାରିଖରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ବହୁ ବୁଦ୍ଧିଜୀବି, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ତଥା ବହୁ ଅନୁଷ୍ଠାନ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଖୋର୍ଦ୍ଧାବାସୀ ଏ ଭଳି ଏସ.ପିଙ୍କୁ ପାଇ ବହୁ ଖୁସି ଥିବା ବେଳେ ତାଙ୍କ ଦ୍ୱାରା ପେସାଦାର ଅପରାଧୀଙ୍କୁ ଦମନ କରାଯିବ ସହ ପାଉ ବେପାର (ବ୍ରାଉନସୁଗାର) ଭାବେ ପରିଚୟ ସୃଷ୍ଟି କରୁଥିବା ସହରକୁ ଅପରାଧ ମୁକ୍ତ ଓ ନିଶାମୁକ୍ତ ସହର ଭାବେ ଫେରାଇ ଆଣିବାକୁ ଏସପିଙ୍କର ପ୍ରୟାସ ରହିବ ବୋଲି ସମସ୍ତେ ଆଶା ବାନ୍ଧି ବସିଛନ୍ତି। ବିଗତ ଦିନରେ ଖୋର୍ଦ୍ଧା ଏକ ଶାନ୍ତ, ଅପରାଧମୁକ୍ତ ଓ ନିଶାମୁକ୍ତ ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚୟ ସୃଷ୍ଟି କରିପାରିଥିଲା। କିନ୍ତୁ କିଛି ବିଗତ ୫ବର୍ଷ ମଧ୍ୟରେ ସହର ଏବଂ ଏହାର ଆଖପାଖ ଅଂଚଳରେ ବ୍ରାଉନସୁଗାର ବେପାର ସମେତ ଅସାଧୁ ଖଣି ମାଫିଆଙ୍କ ଚୋରା ଖଣି କାରବାର ଏବଂ ଗୁଳିକାଣ୍ଡ ହତ୍ୟା, ରାହାଜାନି ଇତ୍ୟାଦି ବଢିଯାଇଥିଲା। ଯାହା ଫଳରେ ଅଞ୍ଚଳବାସୀ ଭୟରେ ରହୁଥିଲେ। ନୂତନ ଏସପି ସାଗରିକା ନାଥ ଯୋଗ ଦେବା ପରେ ଏଥିରେ ନିଶ୍ଚିତ ପରିବର୍ତନ ଘଟିବ ବୋଲି ସମସ୍ତେ ଆଶା ରଖିଛନ୍ତି। କାର୍ଯ୍ୟରେ ଯୋଗ ଦେବାର ମାତ୍ର ଦୁଇଦିନ ମଧ୍ୟରେ ବାଘମାରୀ ଥାନା ଅଚଂଳରେ ବିପୁଳ ପରିମାଣର ବେଆଇନ୍ ବାଣ ଓ ବାରୁଦ ଜବତ କରିବା ସହ ଶିଳ୍ପାଚଂଳ ଥାନାରୁ ବ୍ରାଉନସୁଗାର ବେପାରୀଙ୍କୁ ଧରି ନିଶା ବେପାରୀ ଏବଂ ପେଶାଦାର ଅପରାଧୀଙ୍କର ନିଦ ହଜାଇ ଦେଇଛନ୍ତି। ସୂଚନା ଯୋଗ୍ୟ ଏହା ପୂର୍ବରୁ ସେ ବାଲେଶ୍ୱର ଏସପି ଥିବା ବେଳେ କୁଖ୍ୟାତ ଅପରାଧୀମାନଙ୍କୁ ଦମନ କରିବା ବିଦେଶୀ ଅପରାଧିମାନଙ୍କ ସହ ଲିଙ୍କ୍ଥିବା ଅପରାଧୀଙ୍କୁ ଲୋକଲୋଚନକୁ ଆଣିବା ସହ ବାଲେଶ୍ୱରକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ଲେଡ଼ି ସିଙ୍ଘମ୍ ଭାବେ ସାରା ରାଜ୍ୟରେ ବେଶ ପରିଚୟ ସୃଷ୍ଟି କରିପାରିଛି।

# ହୋଣ୍ଡା କାର୍ସ୍ ଇଣ୍ଡିଆର ଗ୍ରେଟ ହୋଣ୍ଡା ଫେଷ୍ଟ ପାଳନ

ଭୁବନେଶ୍ୱର (ସବ୍ୟୁ): ଭାରତରେ ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାର୍ସ୍ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ଭାରତର ଅଗ୍ରଣୀ ଅଟୋଟେକ୍ ପ୍ଲାଟଫର୍ମ କାର୍ସ୍୨୪ ସହଯୋଗିତାରେ ଏକ ଆସ୍ୟୋର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ ପ୍ରଚଳନ କରିଛି। ଏହି ଅନନ୍ୟ କାର୍ଯ୍ୟକ୍ରମ 'ଦ ଗ୍ରେଟ ହୋଣ୍ଡା ଫେଷ୍ଟ କ୍ୟାମ୍ପେନ'ର ଅଂଶ ଭାବରେ ପ୍ରଚଳନ କରାଯାଇଛି, ଯାହା କ୍ରୟ କରାଯାଉଥିବା ନୂଆ ହୋଣ୍ଡା କାର୍‌ଗୁଡିକ ନିମନ୍ତେ ଭବିଷ୍ୟତରେ ପୁନଃବିକ୍ରୟ ମୂଲ୍ୟ (ରିସେଲ୍ ଭାଲ୍ୟୁ) ନିଶ୍ଚିତ କରିବା ଲକ୍ଷ୍ୟ ରଖୁଛି, ଏବଂ ଏହାଦ୍ୱାରା କ୍ରେତାଙ୍କୁ ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରୁଛି।

ଅକ୍ଟୋବର'୨୪ ଅବସରରେ ଦ ଗ୍ରେଟ ହୋଣ୍ଡା ଫେଷ୍ଟର ଟ୍ରିପଲ ବୋନା ଫାଇଦାର ଅଂଶ ଭାବରେ ଗ୍ରାହକମାନେ ନଗଦ ଅର୍ଥ ରିଆତି, ରକ୍ଷଣାବେକ୍ଷଣ ପ୍ୟାକେଜ, ଆସ୍ୟୋର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସୁନା ଜିତିବା ଆଦି ସମେତ ବିଭିନ୍ନ ବିକଳ୍ପ ମଧ୍ୟରୁ ବାଛିପାରିବେ। ନୂଆକରି ପ୍ରଚଳନ କରାଯାଇଥିବା ଆସ୍ୟୋର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ କ୍ରେତାମାନଙ୍କୁ ନିଶ୍ଚିନ୍ତରେ ଗାଡି ଚାଳନା ପାଇଁ ଉତ୍ସାହିତ କରିବା ସହ ଭବିଷ୍ୟତ ନିମନ୍ତେ ସେମାନଙ୍କର ପୁଁଜିନିବେଶକୁ ସୁରକ୍ଷିତ କରିବା ସୁନିଶ୍ଚିତ କରୁଛି।

# ୬ଶହ କର୍ମଚାରୀ, ପୂଜାରେ ଦରମା ପାଇଲେନି

ଭୁବନେଶ୍ୱର, (ତଥ୍ୟ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ପୌରସଂସ୍ଥା ଓ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ୬ଶହରୁ ଅଧିକ ଠିକା କର୍ମଚାରୀ (ପ୍ରଫେସନାଲ) ପୂଜାରେ ନିଜର ପାଉଣା ଗଣ୍ଡାକ ପାଇଲେ ନାହିଁ । ଏମାନଙ୍କୁ ଯୋଗାଇଥିବା କମ୍ପାନୀ ସହିତ ସରକାରଙ୍କ ଚୁକ୍ତିନାମା ନବୀକରଣ ହେଉନଥିବାରୁ ବିଭାଗ ଦ୍ୱାରା ଚଳାଯାଉଥିବା ବିଭିନ୍ନ କାର୍ଯ୍ୟଛ କିଭଳି ସମ୍ପାଦନ ହେବ ତାହା ଚିନ୍ତାର ବିଷୟ ପାଲଟିଛି। ରାଜ୍ୟର ବିଭିନ୍ନ ମହାନଗର ନିଗମ, ମୁଛନିସିପାଲିଟି ଓ ଏନନ୍ଧ୍ୱଏସିରେ ବିଭାଗ ଦ୍ୱାରା ଚଳାଯାଉଥିବା ବିଭିନ୍ନ କାର୍ଯ୍ୟଛର ସମ୍ପାଦନ ଓ ତଦାରଖ ପାଇଁ ୬୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହେଇଛନ୍ତି। ଏମାନେ ବିଭିନ୍ନ ସଂସ୍ଥା ଜରିଆରେ ନିଯୁକ୍ତ ହୋଇଥିବାବେଳେ ସମ୍ପୃଛ ସଂସ୍ଥାଗୁଡିକ ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ରାଜିନାମା କରିଥିଲେ । ତେବେ ଏହି ରାଜିନାମା ୨୦୨୩ ସେପ୍ଟେମ୍ବର ମାସରୁ ସରିଥିବାବେଳେ କାର୍ଯ୍ୟଛର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ୬ମାସ କରି ଦୁଇ ପର୍ଯ୍ୟାୟରେ ଚୁକ୍ତି ଅବଧି ବୃଦ୍ଧି କରିଥିଲେ। ତଦନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସମ୍ପ୍ରସାରିତ ଚୁକ୍ତି ଅବଧି ଶେଷ ହୋଇଛି । ବର୍ତ୍ତମାନ ଏହି ଛଅଶହ କର୍ମଚାରୀ ବିଭିନ୍ନ ପୌରାଞ୍ଚଳ ଓ ପ୍ରକଳ୍ପରେ କାର୍ଯ୍ୟଛ କରୁଥିବାବେଳେ ସେମାନଙ୍କୁ କିନ୍ତୁ ପାଉଣା ମିଳୁନାହିଁ । ଏପରିକି ପୂଜା ସମୟରେ ମଧ ସେମାନେ ସେପ୍ଟେମ୍ବର ମାସର ପାଉଣା ପାଇନାହାନ୍ତି। ଯେହେତୁ ରାଜଛ ସରକାର ଏହି କର୍ମଚାରୀଙ୍କ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି ଓ ସେମାନଙ୍କୁ ଯୋଗାଇଥିବା ସଂସ୍ଥା ସହିତ ଚୁକ୍ତିନାମା କରୁନାହାନ୍ତି ତେଣୁ ଏମାନଙ୍କ ନିଯୁକ୍ତିର ଆଉ କୌଣସି ବୈଧତା ନାହିଁ।

ହେଲେ ପୌରସଂସ୍ଥା ଗୁଡିକରେ ଚାଲୁ ରହିଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପରେ ପୂର୍ବବତନ୍ଧ୍ୱ କାର୍ଯ୍ୟଛ ଜାରି ରଖିଛନ୍ତି । ଉଲ୍ଲେଖନୀୟ ଯେ ବିଭିନ୍ନ ପୌରସଂସ୍ଥାରେ ମୁଛା ସହିତ ଆହାର ଓ ବିଜୁଳି ଏବଂ ଅନେକ ଦାରିଦ୍ରଛ ଦୂରୀକରଣ ଯୋଜନା କାର୍ଯ୍ୟଛକାରୀ ହେଉଛି । ଏଥିରେ ଅନେକ ଯୋଜନା ଦୀର୍ଘମିଆଦୀ ଭିତ୍ତିରେ ସରକାର ଚଳାଉଛନ୍ତି । ଯୋଜନାଗୁଡିକ ସହିତ ସାଧାରଣ ଲୋକେ ଦୈନନ୍ଦିନ ଜଡିତ ଥିବାରୁ ଏହାକୁ ଚଳାଇ ରଖିବାକୁ ସରକାର ଏକ ପ୍ରକାର ବାଧ୍ୟ । ବର୍ତ୍ତମାନ ସରକାରୀ ବିଭାଗ କିମ୍ବା ପୌରସଂସ୍ଥାରେ ଏହିସବୁ ଯୋଜନା ଓ ପ୍ରକଳ୍ପକାର୍ଯ୍ୟ ଚଳାଇ ରଖିବାପାଇଁ ପ୍ରଫେସନାଲମାନଙ୍କର ଏକାନ୍ତ ଆବଶ୍ୟକ ହୋଇଥିବାବେଳେ ବିନା ନିଯୁକ୍ତି ବୈଧତାରେ ୬ଶହରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ ଚଳାଇଛନ୍ତି । ପୂଜା ସମୟରେ ସରକାର କର୍ମଚାରୀଙ୍କ ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଥିବାବେଳେ ଖୋଦନ୍ଧ୍ୱ ସରକାରୀ କାର୍ଯ୍ୟର ସୁପରିଚାଳନା କରୁଥିବା କର୍ମଚାରୀ ସେମାନଙ୍କର ପାଉଣା ନପାଇବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ନୀରଜ ଚୋପ୍ରାଙ୍କ ଦ୍ୱାରା ଓଡିଶାରେ ଅଣ୍ଡର୍ ଆର୍ମର୍‌ର ପ୍ରଥମ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଭାରତରେ ଅଣ୍ଡର୍ ଆର୍ମର୍ ପାଇଁ ଏକ୍ସକ୍ଲୁସିଭ ଡିଷ୍ଟ୍ରିବ୍ୟୁଟର ଓ ଲାଇସେନ୍ସିଂ ସଂସ୍ଥା, ଅଣ୍ଡରଡଗ୍ ଆଥ୍‌ଲେଟିକ୍ସ ପକ୍ଷରୁ ଓଡିଶାରେ ଏହାର ପ୍ରଥମ ଅଣ୍ଡର୍ ଆର୍ମର ବ୍ରାଣ୍ଡ ହାଉସ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଷ୍ଟୋର୍‌କୁ ପ୍ରଶଂସକଙ୍କ ଭିଡ ଓ ଉତ୍ସାହ ମଧ୍ୟରେ ଅଲିମ୍ପିକ ବିଜେତା ଓ ବିଶ୍ୱ ଚାମ୍ପିଅନ ନୀରଜ ଚୋପ୍ରା ଉଦ୍ଘାଟନ କରିଛନ୍ତି । ଏହି ଗ୍ରାଣ୍ଡ୍ ଓପ୍‌ନିଂ ଅବସରରେ ନୀରଜ ବିଭିନ୍ନ କ୍ରୀଡା ଓ ଫିଟ୍‌ନେସ୍ ଉତ୍ସାହୀ ଓ ନିଜ ପ୍ରଶଂସକଙ୍କ ସହ ବାର୍ତାଳାପ କରିଛନ୍ତି ଏବଂ ସେମାନଙ୍କ ପ୍ରଶିକ୍ଷଣ ଏବଂ ଉତମ ପ୍ରତିଯୋଗି ହେବା ରାହାରେ କିଭଳି ଏକ ସଠିକ ସ୍ପୋର୍ଟିଙ୍ଗ ଗିୟର ଭିନ୍ନତା ଆଣିପାରିବ ତାହାକୁ ଆଲୋକପାତ କରିଥିଲେ । ଭୁବନେଶ୍ୱରର ନେକ୍ସସ ଏସ୍‌ପ୍ଲାନେଡ ମଲ୍‌ର ଗ୍ରାଉଣ୍ଡ ଫ୍ଲୋର୍‌ରେ ଅବସ୍ଥିତ ଅଣ୍ଡର୍ ଆର୍ମର ଷ୍ଟୋର ସହରର କ୍ରୀଡା, ଫିଟନେସ୍ ଓ ସ୍ପୋର୍ଟସୱେୟାର ଉତ୍ସାହୀଙ୍କ ପାଇଁ ଏକ ଲୋକପ୍ରିୟ ଗନ୍ତବ୍ୟସ୍ଥଳୀ ହେବା ଲାଗି ପ୍ରସ୍ତୁତ ରହିଛି। ଏହି ଷ୍ଟୋର୍ ଅଣ୍ଡର୍ ଆର୍ମର୍‌ର ନୂତନ ରିଟେଲ ଇନୋଭେଶନ – ବ୍ରାଣ୍ଡ ହାଉସ୍ ସିଟି କନ୍‌ସେପ୍ଟ ଇଭୋଲ୍ୟୁଶନକୁ ଅନୁସରଣ କରୁଛି ଯାହା ବିଶ୍ୱସ୍ତରୀୟ ଉତ୍ପାଦ ସହ ଉନ୍ନତ ସପିଂ ଅନୁଭୂତି ପ୍ରଦାନ କରୁଛି। ଗ୍ରାହକମାନେ ଅଣ୍ଡର୍ ଆର୍ମର୍‌ର ହାଇ-ପର୍‌ଫର୍ମାନ୍ସ ଗିୟରର ବିସ୍ତୃତ ରେଞ୍ଜକୁ କ୍ରୟ କରିପାରିବେ ।



# କନକଦୁର୍ଗାଙ୍କ ପୀଠରେ ଶାରଦୀୟ ପୂଜା

ବାରଙ୍ଗ ,(ସବ୍ୟୁ) :ଚଳିତବର୍ଷ ବାରଙ୍ଗ ଅଞ୍ଚଳର ଅଧିଷ୍ଠାତ୍ରୀଦେବୀଙ୍କର ପରିବାର୍ଷିକ ଶାରଦୀୟପୂଜା ଉତ୍ସବ ୮ତାରିଖରୁ ଆରମ୍ଭ ହୋଇଯାଇଛି। ୮ରୁ୧୨ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ନବଦିନାତ୍ମକ ପୂଜା ଷୋଡଶ ଉପଚାର ବିଧିମତେମାଙ୍କ ପୀଠରେ ଚାଲିଛି।ମାଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ମାକନକଦୁର୍ଗା ଟ୍ରଷ୍ଟବୋର୍ଡ ତରଫରୁ ସୁବ୍ୟବସ୍ଥା କରାଯାଇଛି। ଶିଳ୍ପପତି ମୋହନ କୁମାର ଝୁନଝୁନ ୱାଲଛ,ଅର୍ଜୁନ ମହାରଣାଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ଗୁରୁବାର ମହାଷ୍ଟମୀ ପୂଜାପରେ ପୀଠରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ।

# ଥାନାରେ ଉତ୍ପାତ କରିଥିବା ଯୁବତୀଙ୍କ ବିରୋଧରେ ମାମଲା

ଭୁବନେଶ୍ୱର, (ସବ୍ୟୁ) : ଥାନାରେ ଉତ୍ପାତ କରିବା ସହ ପୋଲିସକୁ ପେଲାଠେଲା କରି ଗାଳିଗୁଲଜ କରିବା ଅଭିଯୋଗରେ ଜଣେ ଯୁବତୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଜାମିନରେ ଛାଡି ଦିଆଯାଇଛି ।

ଗତକାଲି ସନ୍ଧ୍ୟାରେ ଜଣେ ଯୁବତୀ ଥାନାରେ ପହଞ୍ଚି ନିଶାଶକ୍ତ ଅବସ୍ଥାରେ ଉତ୍ପାତ କରିଥିଲେ । କାର୍ଯ୍ୟରତ ପୋଲିସକୁ ପେଲାଠେଲା କରିବା ସହ ଦୁର୍ବ୍ୟବହାର କରିଥିଲା । ସମସ୍ତେ ନିରବ ହୋଇଯାଇଥିଲେ । କୌଣସି ସୂତ୍ରରୁ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଖବର ପାଇ ଖଣ୍ଡଗିରି ଥାନାରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ଓ ମୋବାଇଲ ଭିଡିଓ ଦେଖିବା ପରେ ଯୁବତୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାମଲା ରୁଜୁ କରାଯାଇ ନୋଟିସ୍ ହେବା ପରେ ସମ୍ପୃକ୍ତ ଯୁବତୀ ବଏଫ୍ରେଣ୍ଡ୍‌ଙ୍କ ସହ ଥାନାରେ ପହଞ୍ଚିଥିଲା । ଯୁବତୀଙ୍କ କହିବା କଥା ମୋ ବଏଫ୍ରେଣ୍ଡ୍ କୁଆଡେ ଗଲେ ତାଙ୍କୁ ତୁରନ୍ତ ଖୋଜିଆଣି ମୋ ପାଖରେ ପହଞ୍ଚାଅ । ସେ ଜିଦ୍ ଧରିବାରୁ ପୋଲିସ ଖୋଜଖବର କରି ରାତି ୩ଟାରେ ବଏଫ୍ରେଣ୍ଡ୍‌ଙ୍କୁ ପାଇ ଥାନାକୁ ଆଣିଥିଲା । ଉଭୟଙ୍କୁ ରାତିରେ ଛାଡି ଦିଆଯାଇଥିବା ବେଳେ ମାମଲା ରୁଜୁ କରାଯାଇ ବ୍ୟକ୍ତିଗତ ମୁଚାଲିକାରେ ଜାମିନରେ ଯାଇଥିବା କୁହାଯାଉଛି ।

ମାସକ ମଧ୍ୟରେ ଭୁବନେଶ୍ୱରରେ ଏହିପରି ୭ଟି ଘଟଣା ଘଟିଲାଣି । ନିଶାଶକ୍ତ ଅବସ୍ଥାରେ ଯୁବତୀ ଓ ମହିଳା ପୋଲିସକୁ ନାକେଦମ କରିବା ସହ ଲୋକଙ୍କୁ ଗାଳିଗୁଲଜ କରୁଛନ୍ତି । ବଡଗଡ ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏହିପରି ଦୁଇଟି ଘଟଣା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ଆଇନ ସମସ୍ତଙ୍କ ପାଇଁ ସମାନ । ମହିଳା ହେଲେ ମଧ ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସୁନିଶ୍ଚିତ । ପୁରୁଷ ବା ମହିଳା ଭୁଲ୍ କଲେ କାହାରିକୁ ଛଡାଯିବ ନାହିଁ ।

# ବ୍ରହ୍ମପୁରରେ ପେପରଫ୍ରାଏର ନୂତନ ଷ୍ଟୋର

ଭୁବନେଶ୍ୱର (ସବ୍ୟୁ): ପେପରଫ୍ରାଏ ଏକ ଅଗ୍ରଣୀ କମର୍ସ ଫର୍ନିଚର ଓ ହୋମ ଗୁଡସ କମ୍ପାନି ଏହା ଓଡ଼ିଶାର ବ୍ରହ୍ମପୁରରେ ଏହାର ନୂଆ ଷ୍ଟୋର ଶୁଭାରମ୍ଭ କରିଛି। ଅଫଲାଇନ ସଂପ୍ରସାରଣ କମ୍ପାନିର ଲକ୍ଷ୍ୟକୁ ବିସ୍ତାର କରିବା ସହିତ ଏହାର ଓମିନିଚ୍ୟାନେଲ ଗ୍ରାହକଙ୍କ ସଂଖ୍ୟାକୁ ବୃଦ୍ଧି କରିବ। ପେପରଫ୍ରାଏ ଷ୍ଟୋର ଗୁଡ଼ିକର ଉପସ୍ଥିତି ବର୍ତମାନ ୧୦୦ ସହର ସହ ୧୫୦ ଷ୍ଟୋର ଦେଶରେ ରହିଛି। ପେପରଫ୍ରାଏ ଷ୍ଟୋର ଗୁଡ଼ିକ ବର୍ତମାନ ଫର୍ନିଚର ରିଟେଲ ଲ୍ୟାଣ୍ଡସ୍କେପକୁ ନେଇ ଭାରତରେ ପରିଚିତ। କମ୍ପାନିର ଓମିନିଚ୍ୟାନେଲ ରଣକୌଶଳ ଏଫଓଏଫଓ ଷ୍ଟୋର ଗୁଡ଼ିକକୁ ନେଇ ପରିଚାଳିତ। ସଂପ୍ରତି ୧୦୦ଟି ସ୍ୱତନ୍ତ୍ର ପାର୍ଟନର ରହିଛନ୍ତି । ଶୁଭାରମ୍ଭ ହୋଇଥିବା ନୂଆ ଷ୍ଟୋର ବାଳକୃଷ୍ଣ ସାହୁଙ୍କ ସହଭାଗିତାରେ ପରିଚାଳିତ ହେଉଛି। ଏହି ଷ୍ଟୋରଟି ଗୋଦାବରୀଶ ନଗର, ବ୍ରହ୍ମପୁରଠାରେ ଅବସ୍ଥିତ। ଏକ ସୁସଜ୍ଜିତ ସୋରୁମରେ ୧୦୦୦ ହୋମ ଡେକର ଓ ଫର୍ନିଚର ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। ଗ୍ରାହକମାନେ ସେମାନଙ୍କ ମନପସନ୍ଦର ସାମଗ୍ରୀକୁ କମ୍ପାନିକୁ ଅର୍ଡ଼ର ଦେଇ ଏଠାରୁ ପାଇପାରିବେ। ସ୍ଥାନୀୟ ଗ୍ରାହକଙ୍କ ପାଇଁ ଏହି ଷ୍ଟୋର ବହୁ ସହାୟକ ହେବ।

# ବିଦେଶରେ ଡାକ୍ତରୀ ଶିକ୍ଷା ନିମନ୍ତେ ବାଟ ଦେଖାଉଛି ଏଡୁନମ୍

ଭୁବନେଶ୍ୱର (ସବ୍ୟୁ) : ଏଡୁନମ୍ – ଗାଇଡ଼ିଂ କ୍ୟାରିୟର୍ ଏକ ଅନୁଷ୍ଠାନ ଯାହା ଶିକ୍ଷାବିତ୍ ତଥା କ୍ୟାରିୟର ପରାମର୍ଶଦାତା ଲମ୍ବୋଦର ରାଉତଙ୍କ ଦ୍ୱାରା ୨୦୦୭ରେ ପ୍ରତିଷ୍ଠିତ ହୋଇଥିଲା । ଏହା ଏକ ପ୍ରାଥମିକ ଶିକ୍ଷା ପରାମର୍ଶଦାତା ସଂଗଠନ ଯାହାକି ଛାତ୍ରଛାତ୍ରୀମାନଙ୍କର ବଜେଟ୍ ଏବଂ ଆଶା ଅନୁଯାୟୀ ବିଦେଶରେ ଡ଼ାକ୍ତରୀ ଅଧ୍ୟୟନ ତଥା ବିଦେଶରେ ଅଧ୍ୟୟନ କରିବାକୁ ସାହାର୍ଯ୍ୟ ଏବଂ ମାର୍ଗଦର୍ଶନ ଯୋଗାଇଥାଏ । ନୂତନ ଭାବେ ଶିକ୍ଷା ଗ୍ରହଣ କରିବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରବିନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଡଃ ଅଶୋକ ମହାପାତ୍ର (ପୂର୍ବତନ ନିର୍ଦ୍ଦେଶକ ଏମ୍ସ), ଡଃ ଗଂଗାଧର ସାହୁ(ପୂର୍ବତନ ଅଧକ୍ଷ, ଭିଏସ ଏସ୍ ମେଡକାଲ କଲେଜ, ବୁର୍ଲା) ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ପ୍ରଶନ୍ନ କୁମାର ପାଟଶାଣୀ ଯୋଗଦାନ କରି ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସାଧୁବାଦ ଦେବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ । ଶୀର୍ଷ ଦେଶ ତଥା ବିଦେଶରେ ଅଧ୍ୟୟନ ତଥା ଏମ୍.ବି.ବି.ଏସ୍ ଶିକ୍ଷା ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବାକୁ ଏହା ଲକ୍ଷ୍ୟ ରଖିଛି । ଏଡୁନମ୍ ଛାତ୍ରମାନଙ୍କୁ ରୁସିଆ, ବାଂଲାଦେଶ, ନେପାଳ, ପୋଲାଣ୍ଡ, ଜର୍ଜିଆ, ଉଜବେକିସ୍ତାନ, କାଜାକିସ୍ତାନ, ମରିସସ୍ ଏବଂ ଜର୍ମାନୀ ପରି ବିଦେଶରେ ଏମ୍.ବି.ବି.ଏସ୍ ପାଇଁ ସେମାନଙ୍କର ସଠିକ୍ ବିଶ୍ୱବିଦ୍ୟାଳୟ ବାଛିବାରେ ସାହାଯ୍ୟ କରେ ଏବଂ ଅଷ୍ଟ୍ରେଲିଆ, ସିଙ୍ଗାପୁର, ଜର୍ମାନୀ, ଦୁବାଇ, ମାଲେସିଆ, ଫ୍ରାନ୍ସ, ଆମେରିକା, ୟୁକେ, କାନାଡ଼ା ଇତ୍ୟାଦି ୨୦୦୦ରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଏଡୁନମ୍ ମାଧ୍ୟମରେ ଶୀର୍ଷ ମେଡ଼ିକାଲ ବିଶ୍ୱବିଦ୍ୟାଳୟରେ ଏମ୍,ବି.ବି.ଏସ୍ ପାଠ୍ୟକ୍ରମରେ ଆଡ଼ମିଶନ ହୋଇସାରିଛନ୍ତି । ପୂର୍ବ ବିଦାୟ ସମାରୋହ ଆୟୋଜନ କରିବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ୧୨୦ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶ ଗ୍ରହଣ କରିଥିଲେ ।



# ନରୁଆ ଛକରେ ୪୮ ତମ ଦୁର୍ଗା ପୂଜା

ତିର୍ତ୍ତୋଲ (ସବ୍ୟୁ): ତିର୍ତ୍ତୋଲ ବ୍ଲକ ଅଧୀନରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ତିର୍ତ୍ତୋଲ ଓ ଏହାର ଆଖପାଖ ଅଞ୍ଚଳରେ ଦୁର୍ଗତିନାଶିନୀ ମା ଦୁର୍ଗାଙ୍କ ପୂଜା ମହା ଧୁମଧାମରେ ପାଳିତ ହେଉଅଛି । ମା ଙ୍କ ଅଷ୍ଟମୀ ପୂଜା ହେତୁ ପ୍ରତେକ ମଣ୍ଡପରେ ଜନସମାଗମ ଲାଗି ରହୁଛି । ସେହିପରି ନରୁଆ ଛକ ସାଗବାରିଆ ଠାରେ ମା ଙ୍କ ୪୮ ତମ ଦୁର୍ଗା ପୂଜା ପାଳିତ ହେଉଅଛି । ପୂଜା ମଣ୍ଡପ ରେ ଆକ୍ଷଣୀୟ ତୋରଣ ସହିତରଙ୍ଗୀନ ଆଲୋକମାଳାରେ ଝଲସୁଛି । ମହାଷ୍ଟମୀ ରେ ମା ଙ୍କ ସନ୍ଧିପୂଜା, ବଳିଦାନ ପୂଜା ଓ ୧୦୮ ଦୀପଦାନ ହେବ ବୋଲି ଜଣାପଡ଼ିଛି । ପ୍ରତି ବର୍ଷ ଭଳି ଏବର୍ଷ ମଧ ମା ଦୁର୍ଗା ଙ୍କ ସହିତ ସବୁ ଦେବଦେବୀ ଙ୍କ ମଥାରେ ଚାନ୍ଦିର ମୁକୁଟ ଶୋଭା ପାଉଛି । ଦାତା ମାନଙ୍କ ଦ୍ୱାରା ୭୫ ଖଣ୍ଡ ଶାୀ ମା ଙ୍କୁ ଆର୍ପଣ କରାଯାଇଛି । ମା ଙ୍କ ପୂଜା ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ଏକ କ୍ୱିଣ୍ଟାଲ ରୁ ଅଧିକ ଘୃତ ଆହୁତି ଦିଆଯିବ ବୋଲି କାର୍ଯ୍ୟକାରି ସଭାପତି ଉତମ କୁମାର ମହାନ୍ତି ସୂଚନା ଦେଇଛନ୍ତି । ସେହିପରି ପ୍ରତେକ ଦିନ ଏବଂ ରାତି ମାଗଣାରେ ସହ ସହ ଶ୍ରଦ୍ଧାଳୁ ଙ୍କ ପାଇଁ ପ୍ରସାଦ ର ବ୍ୟବସ୍ଥା ରହିଛି ବୋଲି କମିଟି ର ସମ୍ପାଦକ ମନୋରଞ୍ଜନ ସାମନ୍ତରାୟ ଙ୍କ ଠାରୁ ପ୍ରକାଶ । ଏହି ପୂଜା ମଣ୍ଡପରେ ନବମୀ ଦିନ ସମ୍ପୂର୍ଣ୍ଣ ଚଣ୍ଡୀ, ହେବା ସହ ଦଶହରା ରେ ହୋମ ଯଜ୍ଞ ହେବା ସହିତ ଚାରୁଅର୍ଣ୍ଣ ମା ଙ୍କ ଲାଗି ଭୋଗ ହୁଏ । ଏହି ଚାରୁଅର୍ଣ୍ଣଙ୍କୁ ଭକ୍ତ ସେବନ କଲେ ମନସ୍କାମନା ପୂରଣ ହୁଏ ବୋଲି ଯୁଗ ଯୁଗରୁ ଏହାର ଦରତ୍ୟମୟ ରହିଛି । ପ୍ରତିବର୍ଷ ଭଳି ଏହି ପୂଜାକୁ ପଦକ ପ୍ରାପ୍ତ ପଣ୍ଡିତ ଶ୍ରୀ ଅଶୋକ କୁମାର ଦାଶ ଙ୍କ ସହିତ ତାଙ୍କ ଟିମ ପୂଜାର୍ଚ୍ଚନ ସହିତ ଯଜ୍ଞ କରୁଛନ୍ତି । ନବମୀ ଓ ଦଶହରା ରେ ପ୍ରବଳ ଭକ୍ତ ଙ୍କ ଭିଡ ହେଉଥିବାରୁ ଏହାକୁ ଆଖି ଆଗରେ ରଖି ପୋଲିସ ମୃତୟନ କରିବାକୁ ଥାନା ଅଧିକାରୀ ଙ୍କୁ ଅନୁରୋଧ କରାଯାଇଛି ବୋଲି କମିଟି ର ଉପସଭାପତି କିଶ୍ୱର କୁମାର ଦାସ ସୂଚନା ଦେଇଛନ୍ତି । ସେହିପରି ଏହାର ଆଖପାଖ ଅଞ୍ଚଳ, ଜଗନ୍ନାଥପୁର, ତୁଳଙ୍ଗ, ଇବ୍ରିସିଙ୍ଗ, ଗରାମ ଆଦି ଅଞ୍ଚଳରେ ମା ଦୁର୍ଗା ପୂଜା ପାଉଛନ୍ତି ।



### ଅଜିମ ପ୍ରେମଜୀ ୟୁନିଭରସିଟି ଏଜୁକେସନ-ଏଜୁକେସନାଲ ଆସେସ୍‌ମେଣ୍ଟ

# ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ନିମନ୍ତେ ନାମଲେଖା

ଭୁବନେଶ୍ୱର (ସବ୍ୟୁ) : ଅଜିମ ପ୍ରେମଜୀ ୟୁନିଭରସିଟି, ବେଙ୍ଗାଲୁରୁ ଏଜୁସେନ –ଏଜୁକେସନାଲ ଆସେସ୍‌ମେଣ୍ଟ ପ୍ରୋଗ୍ରାମରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ନିମନ୍ତେ ନାମଲେଖା ଆରମ୍ଭ କରିଛି । ୨୦୨୫ ନାମଲେଖା ନିମନ୍ତେ ଆବେଦନ କରିବାର ଶେଷ ତାରିଖ ୨୦୨୪ ନଭେମ୍ବର ୨୦, ସାକ୍ଷାତକାର ନଭେମ୍ବର–ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ହେବ । କ୍ଲାସ ଆପାତତଃ ୨୦୨୫ ମାର୍ଚ୍ଚରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଏହି ଏକ–ବର୍ଷିୟା ପାର୍ଟ–ଟାଇମ ପାଠ୍ୟକ୍ରମ ଆସେସ୍‌ମେଣ୍ଟ କ୍ଷେତ୍ରରେ ଥିଓରୀ ଏବଂ ପ୍ରାକ୍ଟିସ୍‌ର ଏକ ସନ୍ତୁଳିତ ମିଶ୍ରଣ ଅଟେ। ଏହା ଏକ ସମ୍ମିଶ୍ରିତ ପଦ୍ଧତିରେ ଯୋଗାଇ ଦିଆଯିବ, ଯେଉଁଥିରେ ଅନ୍‌ଲାଇନ ଏବଂ ଅନ୍–କ୍ୟାମ୍ପସରେ ଶିକ୍ଷାଦାନ ରହିବ। ଏହି ପାଠ୍ୟକ୍ରମ ଶିକ୍ଷକ, ଶିକ୍ଷକ ପ୍ରଶିକ୍ଷକ, ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଏବଂ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁରୂପ ବୃଦ୍ଧିଧାରୀ ଆଦି ପ୍ରମୁଖ ସହଭାଗୀଙ୍କୁ ଆସେସ୍‌ମେ କ୍ଷେତ୍ରରେ ଏକ ସକାରାତ୍ମକ ରୂପାନ୍ତରଣ ଆଣିବା ନିମନ୍ତେ ଆବଶ୍ୟକ ଜ୍ଞାନ, କୌଶଳ ଏବଂ ତତ୍ତ୍ୱ ଯୋଗାଇଦେଇ ସେମାନଙ୍କ ମଧ୍ୟରେ ସାମର୍ଥ୍ୟ ନିର୍ମାଣ କରିବା ଲକ୍ଷ୍ୟ ରଖିଛି । ଏହି ପାଠ୍ୟକ୍ରମ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବୃତ୍ତିଧାରୀ ବିଶେଷକରି ଅନ୍ୟୂନ ଦୁଇବର୍ଷ ଧରି କାର୍ଯ୍ୟରତ ବୃତ୍ତିଧାରୀଙ୍କ ନିମନ୍ତେ ଡିଜାଇନ କରାଯାଇଛି। ସେମାନେ ଶିକ୍ଷକ, ଶିକ୍ଷା ସଂଯୋଜକ, ଶିକ୍ଷା ପ୍ରଶିକ୍ଷକ, ପାଠ୍ୟକ୍ରମ ଡିଜାଇନର, ଟେଷ୍ଟ ପେପର ବିକାଶକାରୀ, ପାଠ୍ୟ ପୁସ୍ତକ ଲେଖକ, ଶିକ୍ଷା ପରାମର୍ଶଦାତା, ଆସେସ୍‌ମେଣ୍ଟ ପ୍ରାକ୍ଟିସନର ହୋଇପାରନ୍ତି ଅଥବା ଯେକୌଣସି ଏନଜିଓ ବୃତ୍ତିଧାରୀ ହୋଇପାରନ୍ତି ।

# ଗ୍ରାହକଙ୍କ କଲ୍ୟାଣ ପାଇଁ ଆମଓ୍ୱେ ଇଣ୍ଡିଆର ପ୍ରୟାସ

ଭୁବନେଶ୍ୱର (ସବ୍ୟୁ): ଉଭୟ ଖାଉଟି ଏବଂ ବିତରକଙ୍କ ସ୍ୱାର୍ଥ ଓ କଲ୍ୟାଣ ନିରାପଦ ରଖିବା ପାଇଁ ନିଜର ଏକନିଷ୍ଠ ପ୍ରତିବଦ୍ଧତା ପ୍ରଦର୍ଶନ କରି ଆମଓ୍ୱେ ଇଣ୍ଡିଆ ନିଜର ଉତ୍ପାଦଗୁଡିକର ଅଣସ୍ୱୀକୃତ ବିକ୍ରି ଉପରେ ସହଭାଗୀଙ୍କୁ ପ୍ରଶିକ୍ଷିତ କରିବାକୁ ଏକ ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ପୂର୍ଣ୍ଣାଙ୍ଗ ରଣକୌଶଳରେ ଏହାସହିତ ରହିଥିବା ଆପଦ ସମ୍ପର୍କରେ ସହଭାଗୀଙ୍କୁ ପ୍ରଶିକ୍ଷିତ କରିବା, ଯୋଗାଣ ଶୃଙ୍ଖଳ ନିରୀକ୍ଷଣରେ ବୃଦ୍ଧି ଘଟାଇବା, ଉଲ୍ଲଘଂନକାରୀଙ୍କ ବିରୋଧରେ କଡା ପଦକ୍ଷେପ ଗ୍ରହଣ ଏବଂ ସ୍ୱୀକୃତିପ୍ରାପ୍ତ ବିତରଙ୍କ ନିମନ୍ତେ ଲକ୍ଷ୍ୟଭିତ୍ତିକ ସମର୍ଥନକାରୀ ସେସନ୍ ଏବଂ ସମ୍ବଳ ଉପଲବ୍ଧ କରାଇବା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ପଦକ୍ଷେପ ଉପଭୋକ୍ତାମାନେ ଆମଓ୍ୱେ ବିତରକ ଅଥବା ବିଧିବଦ୍ଧ ଆମଓ୍ୱେ ଓ୍ୱେବସାଇଟରୁ ଉତ୍ପାଦ କ୍ରୟ କରିବା ସମୟରେ ଯେଭଳି ଅସଲି ଆମଓ୍ୱେ ଉତ୍ପାଦ ଏବଂ ତତ୍‌ସହିତ ସଂଯୁକ୍ତ ଫାଇଦା ପାଇବେ ତାହା ସୁନିଶ୍ଚିତ କରିବାକୁ ଆମଓ୍ୱେର ଉତ୍ସର୍ଗୀକୃତ ଭାବ ପୁନଃ ସୁଦୃଢ କରୁଛି। ଅଣସ୍ୱୀକୃତ ବିକ୍ରି କେବଳ ପ୍ରତ୍ୟକ୍ଷ ବିକ୍ରି କ୍ଷେତ୍ରରେ ସୀମିତ ନାହିଁ। ଅନେକ କମ୍ପାନୀ ଏହି ପ୍ରସଙ୍ଗକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେଉଁଠାରେ ଅନେକ ସମୟରେ ଉତ୍ପାଦଗୁଡିକ ଇ-କମର୍ସ ପ୍ଲାଟଫର୍ମ ଅଥବା ତୃତୀୟ ପକ୍ଷ ବିକ୍ରେତା ଆଦି ଅଣସ୍ୱୀକୃତ ମାଧ୍ୟମ ଜରିଆରେ ବିତରଣ କରାଯାଉଛି, ଯାହା ଉତ୍ପାଦର ପ୍ରାମାଣିକତା ଏବଂ ଖାଉଟି ନିରାପତ୍ତାକୁ କମ୍‌ଜୋର କରିଦେଉଛି। ଆମଓ୍ୱେ ଇଣ୍ଡିଆ ଗ୍ରାହକ ନିରାପତ୍ତା ଏବଂ ଉତ୍ପାଦର ପ୍ରମାଣିକତା ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଉଛି ।

# ଘରତାଲା ଭାଙ୍ଗି ଚୋରି

ନିମାପଡ଼ା,(ସବ୍ୟୁ) : ଗତ ବୁଧବାର ରାତିରେ ନିମାପଡ଼ା ମହିଳା କଲେଜ ନିକଟ ଜଗନ୍ନାଥ ବିହାର କଲୋନୀରେ ରହୁଥିବା ବିଦ୍ୟୁତ ବିଭାଗ କର୍ମଚାରୀ ମନୋରଞ୍ଜନ ପରିଡ଼ାଙ୍କ ଘରର ତାଲା ଭାଙ୍ଗି ଚୋର ସୁନା ଗହଣା ଓ ନଗଦ ଟଙ୍କା ଚୋରି କରି ନେଇ ଯାଇଛନ୍ତି । ଏସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ସାଇନ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ନୂଆହାଟ ବିଦ୍ୟୁତ୍ ବିଭାଗରେ ଚାକିରି କରିଥିବା ମନୋରଞ୍ଜନ ପରିଡା ନିମାପଡ଼ା ମହିଳା କଲେଜ ଜଗନ୍ନାଥ ବିହାରରେ ଭଡ଼ା ଘରକରି ଶିକ୍ଷୟତ୍ରୀ ପତ୍ନୀଙ୍କ ସହ ରୁହନ୍ତି। ।ବୁଧବାର ସନ୍ଧ୍ୟାରେ ମନୋରଞ୍ଜନଙ୍କ ପତ୍ନୀ ବାପଘର କନ୍ଧମାଳ ଯିବା ପରେ ମନୋରଂଜନ ଘରର ତାଲା ପକାଇ ନିଜ ଗ୍ରାମ ନିକଟସ୍ଥ ନାକଡ଼ିହ କୁ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିଲେ।ଗୁରୁବାର ସକାଳ ୮ଟା ସମୟରେ ଆସି ଦେଖିବା ବେଳକୁ ଘରର ତାଲା ଭଙ୍ଗା ଯାଇ ଚୋରି ହୋଇଛି ।ଚୋର ଘରର ଗଡରେଜ ଆଲମିରା ଓ ଆଲେଣା ତାଲା ଭାଙ୍ଗି ସେଥିରେ ଥିବା ୨ଭରି ୬ଗ୍ରାମ ଓଜନର ସୁନା ହାର,ଦୁଇପଟ ଶଙ୍ଖା, ୪ଟି ସୁନା ମୁଦି ଓ ୨୦ ରୁ ୨୫ ହଜାର ଟଙ୍କା ସହିତ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ଖୋଲି ନେଇ ଯାଇଛନ୍ତି। ଚୋରୀ ସଂପର୍କରେ ମନୋରଂଜନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ଉକ୍ତ କଲୋନୀରେ ଲାଗିଥିବା ସିସିଟିଭିରେ ଦୁଇଜଣ ମୁହଁରେ ଗାମୁଛା ବାନ୍ଧି ଚୋରୀ କରିବାକୁ ଯାଉଥିବା ଦୃଶ୍ୟ ଉତ୍ତୋଳିତ ହୋଇଛି ।



ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ଅନ୍ତିମ ଯାତ୍ରା





ଶ୍ରଦ୍ଧାଞ୍ଜଳି ଜଣାଇବାକୁ ରାଜନେତା, ଶିଳ୍ପପତି ଓ ସାଧାରଣ ଜନତାଙ୍କ ଭିଡ

# ଟାଟା ଶିଳ୍ପ ସାମ୍ରାଜ୍ୟ : କିଏ ହେବେ ଉତ୍ତରାଧିକାରୀ ?

**ମୁମ୍ବାଇ:** ରତନ ଟାଟାଙ୍କ କିଏ ହେବେ ତାଙ୍କ ଉତ୍ତରାଧିକାରୀ ତାକୁ ନେଇ ସମସ୍ତଙ୍କ ମନରେ ରହିଛି ପ୍ରଶ୍ନ । ସମସ୍ତେ ଜାଣନ୍ତି ଯେ ରତନ ଟାଟା ଅବିବାହିତ ଥିଲେ । ଏଥିପାଇଁ ତାଙ୍କର କେହି ସନ୍ତାନ ମଧ ନାହାନ୍ତି । ରତନ ଟାଟା ନିଜ ପଛରେ ୩୮୦୦ କୋଟି ଟଙ୍କାର ସମ୍ପତ୍ତି ଛାଡି ଯାଇଛନ୍ତି । ତେବେ ଏହି ଅଚଳାଚଳ ସମ୍ପତ୍ତିର ଉତ୍ତରାଧିକାରୀ କିଏ ହେବେ? ଏହାକୁ ନେଇ ଏବେ କଳ୍ପନା ଜଳ୍ପନା ଚାଲିଛି ।ବର୍ତ୍ତମାନ ସମ୍ଭାବ୍ୟ ଉତ୍ତରାଧିକାରୀଙ୍କ ମଧରେ ରତନ ଟାଟାଙ୍କ ସାବତ ଭାଇ ନୋଏଲ୍ ଟାଟା ଶୀର୍ଷରେ ଅଛନ୍ତି । ନୋଏଲ୍ ଟାଟା, ରତନ ଟାଟାଙ୍କ ବାପା ନାଭାଲ ଟାଟାଙ୍କ ଦ୍ୱିତୀୟ ପତ୍ନୀ ସିମୋନଙ୍କ ପୁଅ । ପରିବାରର ଏକ ଅଂଶ ହୋଇଥିବା ଯୋଗୁ ଉତ୍ତରାଧିକାରୀମାନଙ୍କ ମଧରେ ନୋଏଲ୍ ଟାଟାଙ୍କ ନାମ ଆଗରେ ରହିଛି । ନୋଏଲ୍ ଟାଟାଙ୍କର ତିନୋଟି ସନ୍ତାନ ଅଛନ୍ତି । ଏମାନେ ହେଉଛନ୍ତି ମାୟା ଟାଟା, ନେଭିଲ୍ ଟାଟା ଏବଂ ଲିଆ ଟାଟା । ରତନ ଟାଟାଙ୍କ ସମ୍ପତ୍ତିର ସମ୍ଭାବ୍ୟ ଉତ୍ତରାଧିକାରୀମାନଙ୍କ ମଧରେ ଏମାନେ ମଧ ସାମିଲ ଅଛନ୍ତି । ନୋଏଲ୍ ଟାଟାଙ୍କର ସମସ୍ତ ତିନୋଟି ପିଲା ବର୍ତ୍ତମାନ ଟାଟା ଗ୍ରୁପରେ ବିଭିନ୍ନ ଦାୟିତ୍ୱର ପରିଚାଳନା କରୁଛନ୍ତି । ୩୪ ବର୍ଷୀୟ ମାୟା ଟାଟା ଟାଟା ଅପର୍ଚ୍ୟୁନିଟି ଏବଂ ଟାଟା ଡିଜିଟାଲରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତ । ଟାଟା ନ୍ୟୁ ଆପ୍ ଲଞ୍ଚରେ ମଧ ତାଙ୍କର ଅବଦାନ ଥିଲା ।ସେହିପରି ୩୨ ବର୍ଷୀୟ ନେଭିଲ ଟାଟା ଟ୍ରେଣ୍ଟ ଲିମିଟେଡ ପ୍ରମୁଖ ହାଇପର୍ ମାର୍କେଟ୍ ଚେନ୍ ଷ୍ଟାର୍ ବଜାରକୁ ଲିଡ୍ କରୁଛନ୍ତି । ଏଥି ସହିତ ୩୯ ବର୍ଷୀୟା ଲିଆ ଟାଟା ଟାଟା ଗ୍ରୁପର ହସ୍ପିଟାଲିଟି ସେକ୍ଟରକୁ ଦେଖୁଛନ୍ତି । ସେ ତାଜ ହୋଟେଲ ରିସର୍ଟ ଏବଂ ପ୍ୟାଲେସର ପରିଚାଳନା କରୁଛନ୍ତି । ସେ ଇଣ୍ଡିଆନ ହୋଟେଲ କମ୍ପାନୀର ତଦାରଖ ମଧ କରୁଛନ୍ତି ।



## ସାଧାରଣ କର୍ମଚାରୀରୁ କମ୍ପାନୀ ଅଧ୍ୟକ୍ଷ

ଭାରତର ଏକ ଅଗ୍ରଣୀ କମ୍ପାନୀ ହେଉଛି ଟାଟା । ମାତ୍ର ରାତାରାତି ଏହି ବିଶାଳକାୟ ସାମ୍ରାଜ୍ୟ ଛିଡ଼ା ହୋଇନି । ଏଥିନିମନ୍ତେ ବିଦେଶ ଫେରନ୍ତା ରତନ ଟାଟା ନିଜ ଝାଳ ବୁହାଇଥିଲେ । ଶ୍ରମିକଙ୍କ ପରି ଇଟା, ସିମେଣ୍ଟ ବି ବୋହିଥିଲେ । ଏହାପରେ ହିଁ ଏକ ବିଶାଳ ଦ୍ରୁମ ଭାବେ ଭାରତର ଶିଳ୍ପ ଜଗତରେ ଆର୍ବିଭାବ ହୋଇଥିଲା ଟାଟା କମ୍ପାନୀ । ୧୯୩୭ ମସିହା ଡିସେମ୍ବର ୨୮ ତାରିଖରେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ ରତନ ଟାଟା । ମାତ୍ର ୧୯୪୮ ମସିହାରେ ତାଙ୍କ ପିତା ଓ ମାତା ନବଲ ଟାଟା ଓ ସୁନି ଟାଟାଙ୍କ ମଧରେ ବିଚ୍ଛେଦ ହୋଇ ଯାଇଥିଲା । ଫଳରେ ରତନ ଟାଟାଙ୍କ ଜେଜେମା' ତାଙ୍କ ଲାଳନପାଳନ ଦାୟିତ୍ୱ ନେଇଥିଲେ । ମୁମ୍ବାଇ ଓ ଶିମଳାରେ ପାଠପଢା ସରିବା ପରେ ରତନ ଟାଟା ହାଓ୍ୱାର୍ଡ ବିଜନେସ୍ ସ୍କୁଲରୁ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ । ଏହାପରେ ସେ କର୍ଣ୍ଣେଲ ୟୁନିଭରସିଟିରୁ ଆର୍କିଟେକ୍ଚର ଓ ଷ୍ଟ୍ରକଚରାଲ ଇଞ୍ଜିନିୟରିଂ ପାଠ ପଢିଥିଲେ । ପାଠ ପଢା ସରିବା ପରେ ସେ ଆମେରିକାରେ ଚାକିରି କରିବାକୁ ଇଚ୍ଛୁକ ଥିଲେ । କିନ୍ତୁ ଜେଜେମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ ଭାରତ ଫେରିଥିଲେ । ଭାରତରେ ସେ ଆଇବିଏମରେ ଚାକିରି ଆରମ୍ଭ କରିଥିଲେ ।ମାତ୍ର ଏହା ଶୁଣି ଉକ୍ତ ସମୟରେ ଥିବା ଟାଟା ଚେୟାରମ୍ୟାନ ଜେଆରଡି ଟାଟା ଖୁବ୍ ଅସନ୍ତୋଷ ପ୍ରକାଶ କରିଥିଲେ । ଏଥିସହ ଟାଟାରେ ଯୋଗ ଦେବାକୁ ରତନ ଟାଟାଙ୍କୁ ନିମନ୍ତ୍ରଣ କରିଥିଲେ ।ଏହାପରେ ରତନ ଟାଟା ଟାଟା ଗ୍ରୁପକୁ ନିଜ ସିଭି ପଠାଇଥିଲେ । ଚୟନ ହେବା ପରେ ଜଣେ ସାଧାରଣ କର୍ମଚାରୀ ରୂପେ କାର୍ଯ୍ୟାରମ୍ଭ କରିଥିଲେ । ନିଜ କ୍ୟାରିଅରର ପ୍ରଥମାବସ୍ଥାରେ ରତନ ଟାଟା କାମ ଶିଖିବାକୁ ଆରମ୍ଭ କରିଥିଲେ । ଏଥିନିମନ୍ତେ ଛୋଟ ଛୋଟ କାମକୁ ବି ସେ ନିଷ୍ଠାର ସହ କରୁଥିଲେ । ୧୯୯୧ ମହିହାରେ ସେ ଟାଟା ଗ୍ରୁପ୍ର ଚେୟାରମ୍ୟାନ ହେଲେ । ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିବା ରତନ ଟାଟା ଦୀର୍ଘ ୨୧ ବର୍ଷ ପର୍ଯ୍ୟନ୍ତ ଟାଟା ଗ୍ରୁପ୍ ନେତୃତ୍ୱ ନେଇଥିଲେ ।ଏହି ସମୟରେ ଦେଶଦୁନିଆରେ ସେ ଟାଟାକୁ ଏକ ପ୍ରତିଷ୍ଠିତ କମ୍ପାନୀରେ ଛିଡ଼ା କରାଇ ପାରିଥିଲେ । ନିଜ କାର୍ଯ୍ୟକାଳ ମଧରେ ସେ ସବୁଠୁ ଛୋଟ ନାନୋ କାର୍ ଲଞ୍ଚ କରି ଦେଶରେ ଚହଳ ପକାଇ ଦେଇଥିଲା । କେବଳ ନାନୋ ନୁହେଁ ରତନ ଟାଟାଙ୍କ ନେତୃତ୍ୱରେ ଜାଗୁଆର, ଲ୍ୟାଣ୍ଡ ରୋଭର ପରି ପ୍ରିମିୟର ସେଗମେଣ୍ଟ କମ୍ପାନୀର କାରକୁ ବି ଟେକ୍ ଓଭର କରିଥିଲା ଟାଟା ।

## ସାକ୍ଷାତକାରରେ ପଦଟିଏ

କିମ୍ବଦନ୍ତୀ ବିଜନେସ୍ ଆଇକନ ତଥା ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା ମୃତ୍ୟୁ ପରେ ସେ କିପରି ଲୋକଙ୍କ ମନରେ ରହିବାକୁ ଚାହୁଁଥିଲେ, ତା'ର ଏକ ପୁରୁଣା ଭିଡିଓ ଭାଇରାଲ ହେଉଛି । ମୃତ୍ୟୁ ପରେ ସେ ଏକ ଏମିତି ବ୍ୟକ୍ତି ଭାବେ ମନେ ରହିବାକୁ ଚାହୁଁଥିଲେ, ଯିଏ କିଛି ପରିବର୍ତ୍ତନ କରିଛନ୍ତି ବୋଲି ଲୋକେ କହିବେ । ଏକ ସାକ୍ଷାତକାରରେ ରତନ ଟାଟା ଲୋକଙ୍କ ମନରେ ଏପରି ମନେ ରହିବାକୁ ଚାହୁଁଥିଲେ ବୋଲି କହିଥିଲେ ।୨୦୧୮ରେ ଦେଇଥିବା ଉକ୍ତ ସାକ୍ଷାତକାରରେ ସେ କହିଥିଲେ, ''...ଯେପରି ମୁଁ ପୂର୍ବରୁ କହିଥିଲି, ମୁଁ ଜଣେ ବ୍ୟକ୍ତି ଭାବରେ ମନେ ରହିବାକୁ ଚାହେଁ, ଯିଏ କିଛି ପରିବର୍ତ୍ତନ କରିଥିଲା । ତା'ଠୁ କିଛି ଅଧିକ ନୁହେଁ, କି କମ୍ ନୁହେଁ ।

## ଦେଶବାସୀଙ୍କ ପାଇଁ ଶେଷ ପୋଷ୍ଟ

**ମୁମ୍ବାଇ:** ଦେହାନ୍ତର କିଛି ଦିନ ପୂର୍ବରୁ ରତନ ଟାଟା ଏକ୍ସରେ କରିଥିବା ପୋଷ୍ଟ ଭାଇରାଲ ହେଉଛି । ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ପ୍ରଚାର ହେବା ପରେ ତାଙ୍କୁ ଭଲପାଉଥିବା ଲୋକେ ତାଙ୍କ ପାଇଁ ଚିନ୍ତାପ୍ରକଟ କରିଥିଲେ । ଏହାକୁ ଦେଖି ରତନ ଟାଟା ଏକ୍ସରେ ଏକ ପୋଷ୍ଟ କରି ମୋ ବିଷୟରେ ଭାବିଥିବାରୁ ଧନ୍ୟବାଦ ବୋଲି ଲେଖିଥିଲେ । ସେ କରିଥିବା ପୋଷ୍ଟରେ ଲେଖାଥିଲା, ମୋର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରଚାରିତ ଗୁଜବ ବିଷୟରେ ମୁଁ ଅବଗତ ଅଛି ଏବଂ ସମସ୍ତଙ୍କୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଏହି ଦାବି ଭିତ୍ତିହୀନ । ମୋର ବୟସାଧିକ ସ୍ୱାସ୍ଥ୍ୟ ସମସ୍ୟା ହେତୁ ମୁଁ ବର୍ତ୍ତମାନ ମୋର ଡାକ୍ତରୀ ପରୀକ୍ଷା କରାଉଛି । ମୁଁ ଭଲ ଅଛି । ଜନସାଧାରଣ ଏବଂ ଗଣମାଧମକୁ ଭୁଲ ତଥ୍ୟ ବିସ୍ତାର ନକରିବାକୁ ମୁଁ ଅନୁରୋଧ କରୁଛି ।

## ରତନ ଟାଟାଙ୍କୁ ଶେଷ ଦର୍ଶନ କଲା 'ଗୋଆ'

ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ବିୟୋଗରେ ସବୁଠି ଶୋକର ଛାୟା । ବିଶିଷ୍ଟ ରାଜନେତା, ଶିଳ୍ପପତି, କ୍ରୀଡାବିତ ଏବଂ ଅଭିନେତାଙ୍କ ସମେତ ସାଧାରଣ ଜନତା ତାଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି । କେବଳ ବିଶିଷ୍ଟ ବ୍ୟକ୍ତି ନୁହଁନ୍ତି, କୁକୁର ମଧ ତାଙ୍କୁ ଶେଷ ଦର୍ଶନ କରିଛି । କାରଣ ପଶୁପ୍ରେମୀ ରତନ ଟାଟା ଏକଦା 'ଗୋଆ'କୁ ରାସ୍ତାକଡ଼ରୁ ଆଣି ପ୍ରାସାଦରେ ଆଶ୍ରୟ ଦେଇଥିଲେ । ୧୧ ବର୍ଷ ଧରି ତାଙ୍କ ସହ ରହି ଆସିଥିବା 'ଗୋଆ' ଆଜି ତାଙ୍କୁ ଅନ୍ତିମ ବିଦାୟ ଦେଇଛି । କେବଳ 'ଗୋଆ' ନୁହେଁ, ଏମିତି ଅନେକ ପଶୁଙ୍କୁ ଉଦ୍ଧାର କରି ସେ ଆଶ୍ରୟ ଦେଇଥିଲେ । ଥରେ ସେ ଗୋଆ ଯାଇଥିଲେ । ଏହି ସମୟରେ ଏକ ବୁଲା କୁକୁର ତାଙ୍କ ସହ ଚାଲିବା ଆରମ୍ଭ କରିଥିଲା । କୁକୁରଟି କିଛି ବାଟ ତାଙ୍କ ସହ ଚାଲିବାରୁ ସେ ତାକୁ ଘରକୁ ନେଇଆସିବାକୁ ମନସ୍ଥ କରିଥିଲେ । ଶେଷରେ ତାକୁ ମୁମ୍ବାଇକୁ ମଧ ଆଣିଥିଲେ । ଏହାପରେ ତା ନାଁ 'ଗୋଆ' ରଖିଥିଲେ ।



## ରତନ ଟାଟାଙ୍କୁ 'ଭାରତ ରତ୍ନ' !
## ମହାରାଷ୍ଟ୍ର କ୍ୟାବିନେଟରେ ପ୍ରସ୍ତାବ ପାସ୍

ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନରେ ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ସମ୍ମାନିତ କରାଯାଉ । ଏଭଳି କିଛି ଦାବି ଭିତରେ ମହାରାଷ୍ଟ୍ର କ୍ୟାବିନେଟରେ ଏନେଇ ଏକ ପ୍ରସ୍ତାବ ପାରିତ ହୋଇଛି । ଭାରତ ରତ୍ନ ପୁରସ୍କାର ପାଇଁ ଶିଳ୍ପପତି ରତନ ଟାଟାଙ୍କ ନାମ ପ୍ରସ୍ତାବିତ ହୋଇ କେନ୍ଦ୍ର ସରକାରଙ୍କୁ ପଠାଯିବାକୁ ମହାରାଷ୍ଟ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛ । ମହାରାଷ୍ଟ୍ର କ୍ୟାବିନେଟର ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବର୍ତ୍ତମାନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଆଜି ମହାରାଷ୍ଟ୍ର କ୍ୟାବିନେଟ୍ ବୈଠକ ବସିଥିଲା ।ଏଥିରେ ରତନ ଟାଟାଙ୍କ ଦେହାନ୍ତକୁ ନେଇ ଶୋକ ବ୍ୟକ୍ତ କରାଯିବା ସହ ଏକ ଶୋକ ପ୍ରସ୍ତାବ ପାରିତ କରାଯାଇଥିଲା । ଏହା ପରେ ଭାରତ ରତ୍ନ ପୁରସ୍କାର ପାଇଁ ତାଙ୍କ ନାମ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଆଯାଇଛି ।

## ଫ୍ଲୋରିଡାରେ ତାଣ୍ଡବ ରଚିଲା 'ମିଲଟନ'

**ୱାଶିଂଟନ:** ଆମେରିକାର ପଶ୍ଚିମ ଉପକୂଳରେ ସ୍ଥଳ ଭାଗ ଛୁଇଁ ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମିଲଟନ । ଏଥିଯୋଗୁ ବଡ଼ଧରଣର ବିଦ୍ୟୁତ ବିଭ୍ରାଟ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ମିଲଟନ ତାଣ୍ଡବ ଯୋଗୁ ୪ ଜଣଙ୍କ ଜୀବନ ଯାଇଛି ।

ସେଠାରେ ୩୦ ଲକ୍ଷରୁ ଅଧିକ ଲୋକ ବିଦ୍ୟୁତ କାଟ ଯୋଗୁ ଅନ୍ଧାରରେ ରହିଛନ୍ତି । କ୍ୟାଟାଗୋରୀ-୩ ସ୍ତରର ବାତ୍ୟା ସେଣ୍ଟ ଲୁସ କାଉଣ୍ଟୀରେ ୪ ଜଣଙ୍କ ଜୀବନ ନେଇଛି । ସେହିପରି ଅନେକ ଘରକୁ ଭାଙ୍ଗି ଦେଇଛି ମିଲଟନ । ବୁଧବାର ରାତିରେ ବାତ୍ୟା ମିଲଟନ ଫ୍ଲୋରିଡାକୁ ହିଟ କରିଥିଲା । ଏଥିଯୋଗୁ ଉପକୂଳ ଅଞ୍ଚଳରେ ଘଣ୍ଟାପ୍ରତି ୨୦୫ କିମି ବେଗରେ ପବନ ବହିଥିଲା । ପୂର୍ବରୁ ଫ୍ଲୋରିଡାରେ ମିଲଟନ କ୍ୟାଟାଗୋରୀ ୫ ସ୍ତରର ରୂପ ନେଇ ହିଟ କରିବ ବୋଲି କୁହାଯାଉଥିଲା । କିନ୍ତୁ ସ୍ଥିତି ସେତେ ଭୟଙ୍କର ହୋଇନାହିଁ । ମିଲଟନ ଗଲ୍ଫ ଅଫ ମେକ୍ସିକୋ ଦେଇ ଚାଲି ଯାଇଛି । ସିଏନଏନ ରିପୋର୍ଟ ଅନୁସାରେ, ବାତ୍ୟା ମିଲଟନ ସେଣ୍ଟ ଲୁସ କାଉଣ୍ଟରୀରେ ଥିବା ଗୋଟିଲ ଅବସରକାଳୀନ କମ୍ୟୁନିଟୀ ଘରକୁ ଛିନ୍ନଛତ୍ର କରି ଦେଇଥିଲା । ଏଥିଯୋଗୁ ସେଠାରେ ଥିବା ୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଗୁରୁବାର ସକାଳ ସୁଦ୍ଧା ବାତ୍ୟା ଫ୍ଲୋରିଡା ଆଣ୍ଟଲାଟିକ ଉପକୂଳରୁ ଦୂରକୁ ଚାଲି ଯାଇଛି । ଏହାଦ୍ୱାରା ଉପକୂଳର ପୂର୍ବ ପାଦଦେଶରେ ରହୁଥିବା ଲୋକମାନେ କ୍ଷତିଗ୍ରସ୍ତ ହୋଇଛନ୍ତିଛଫ୍ଲୋରିଡା ଗଭର୍ଣ୍ଣର କହିଛନ୍ତି ଯେ ଟାମ୍ପା ବେରେ ବ୍ୟାପକ କ୍ଷୟକ୍ଷତି ହୋଇନାହିଁ । ବିପଦ ଘେରରେ ୩୦ ଲକ୍ଷ ଲୋକ ରହିଥିଲେ । କିନ୍ତୁ ସହରରେ ବେଶୀ କ୍ଷତି ହୋଇନାହିଁ । ତଥାପି ୩୦ ଲକ୍ଷ ଲୋକ ପାଓ୍ୱର କଟ ଯୋଗୁ ଅନ୍ଧାରରେ ରହିଛନ୍ତି । ସରକାରୀ ସୂଚନା ଅନୁଯାୟୀ, ବାତ୍ୟା ମିଲଟନ ଅନେକ କାଉଣ୍ଟୀରେ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଛି । ୧୨୫ଟି ଘର ଭାଙ୍ଗି ଯାଇଛି । ୩୦ ଲକ୍ଷରୁ ଅଧିକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ବିଜୁଳି ସେବା ବନ୍ଦ ହୋଇଯାଇଛି । ସେହିପରି ବିମାନ ସେବା ଗଭୀର ଭାବେ ପ୍ରଭାବିତ ହୋଇଛି । ୨ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଛି ।



## ଏକାକୀ ମ୍ୟାଜିକ ନମ୍ବର ଛୁଇଁଲା ଏନସି

**ଶ୍ରୀନଗର:** ଜମ୍ମୁ-କଶ୍ମୀରରେ ଓମାର ଅବଦୁଲ୍ଲାଙ୍କ ନ୍ୟାଶନାଲ କନଫରେନ୍ସ(ଏନସି)କୁ ସମର୍ଥନ ଘୋଷଣା କରିଛନ୍ତି ୪ ସ୍ୱାଧୀନ ବିଧାୟକ । ୪ ବିଧାୟକଙ୍କ ସମର୍ଥନରେ ବିଧାନସଭା ନିର୍ବାଚନରେ ଏକାକୀ ୪୨ଟି ଆସନ ଜିତିଥିବା ଏନସି ମ୍ୟାଜିକ ନମ୍ବର ୪୬ରେ ପହଞ୍ଚି ଯାଇଛି । ଏନସି ଓ କଂଗ୍ରେସ ଏକାଠୀ ନିର୍ବାଚନ ଲଢିଥିବା ବେଳେ ଉଭୟ ୪୮ଟି ଆସନ ଜିତିଥିଲେ । ଏନସିପି ୪୨ ଓ କଂଗ୍ରେସ ୬ଟି ଆସନ ଜିତିଥିଲା । ପୂର୍ବରୁ ଜମ୍ମୁ-କଶ୍ମୀରରେ ଏନସିର ଜୁନିୟର ପାର୍ଟନର ଥିବା କଂଗ୍ରେସ ଏବେ ୪ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପରେ ଏକ ପ୍ରକାରର ଅଲୋଡ଼ା ହୋଇଯାଇଛି । କଂଗ୍ରେସର ବିନା ସମର୍ଥନରେ ମଧ ଏନସି ରାଜ୍ୟରେ ସ୍ୱାଧୀନ ବିଧାୟକଙ୍କୁ ନେଇ ସରକାର ଗଠନ କରିପାରିବ ।ଆଜି ଇନ୍ଦେରୱାଲରୁ ଜିତିଥିବା ପ୍ୟାରେ ଲାଲ ଶର୍ମା, ଚାମ୍ବରୁ ଜିତିଥିବା ସତୀଶ ଶର୍ମା, ସୁରାନକୋଟେରେ ଜିତିଥିବା ଚୌଧୁରୀ ମହମ୍ମଦ ଆକ୍ରମ ଓ ବନି ଆସନରୁ ଜିତିଥିବା ଡା ରାମେଶ୍ୱର ସିଂହ ଏନସିକୁ ସମର୍ଥନ କରିଛନ୍ତି । ହରିୟାଣାରେ ଅପ୍ରତ୍ୟାଶିତ ପରାଜୟ ପରେ ଜମ୍ମୁ-କଶ୍ମୀରରେ ଏପରି ଘଟଣା କଂଗ୍ରେସ ପାଇଁ ନୂଆ ଚିନ୍ତାର କାରଣ ପାଲଟିଛି ।





ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଙ୍କୁ ଭେଟିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ

## ଏସିଆ ପାଇଁ ଭାରତ-ଆସିଆନ୍ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ:** ୨୧ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ୧୦ ଅକ୍ଟୋବର ୨୦୨୪ରେ ଲାଓ ପିଡିଆରର ଭିଏଣ୍ଟିଆନେଠାରେ ଅନୁଷ୍ଠିତ ହୋଇଛି । ଭାରତର ଆକ୍ଟ ଇଷ୍ଟ ନୀତିର ଏକ ଦଶନ୍ଧି ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିଆନ୍ ନେତାଙ୍କ ସହ ମିଶି ଆସିଆନ୍-ଭାରତ ବ୍ୟାପକ ରଣନୈତିକ ଭାଗିଦାରୀର ଅଗ୍ରଗତି ସମୀକ୍ଷା କରିବା ସହ ସହଯୋଗର ଭବିଷ୍ୟତ ଦିଗ ନିର୍ଦ୍ଧାରଣ କରିଥିଲେ । ଏହି ଶିଖର ସମ୍ମିଳନୀରେ ଏହା ପ୍ରଧାନମନ୍ତ୍ରୀଙ୍କ ୧୧ତମ ଅଂଶଗ୍ରହଣ ଥିଲା ।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆସିଆନ ଏକତା, ଆସିଆନ୍ କେନ୍ଦ୍ରୀୟତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆସିଆନ୍ ଦୃଷ୍ଟିକୋଣ ପ୍ରତି ଭାରତର ସମର୍ଥନକୁ ଦୋହରାଇଥିଲେ । ଏକବିଂଶ ଶତାବ୍ଦୀକୁ ଏସୀୟ ଶତାବ୍ଦୀ ବୋଲି ଅଭିହିତ କରି ସେ ଉଲ୍ଲେଖ କରିଥିଲେ ଯେ ଏସିଆର ଭବିଷ୍ୟତକୁ ମାର୍ଗଦର୍ଶନ କରିବା ପାଇଁ ଭାରତ-ଆସିଆନ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ । ଭାରତର ଆକ୍ଟ ଇଷ୍ଟ ନୀତିର ଜୀବନ୍ତତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଗତ ଦଶ ବର୍ଷ ମଧରେ ଭାରତ-ଆସିଆନ ବାଣିଜ୍ୟ ଦ୍ୱିଗୁଣିତ ହୋଇ ୧୩୦ ବିଲିୟନ ଡଲାରରୁ ଅଧିକ ହୋଇଛି । ଆସିଆନ୍ ଆଜି ଭାରତର ଅନ୍ୟତମ ବୃହତ୍ତମ ବାଣିଜ୍ୟ ଓ ନିବେଶ ସହଯୋଗୀ । ସାତଟି ଆସିଆନ୍ ଦେଶ ସହ ସିଧାସଳଖ ବିମାନ ଯୋଗାଯୋଗ ସ୍ଥାପନ ଏହି ଅଞ୍ଚଳ ସହିତ ଫିନ୍-ଟେକ୍ ସହଯୋଗରେ ଆଶାଜନକ ଆରମ୍ଭ ଏବଂ ପାଞ୍ଚଟି ଆସିଆନ ଦେଶରେ ଅଂଶୀଦାର ସାଂସ୍କୃତିକ ଐତିହ୍ୟ ପୁନରୁଦ୍ଧାର ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଆସିଆନ୍-ଭାରତ ସମୁଦାୟର ହିତ ପାଇଁ ଅଧିକ ଅର୍ଥନୈତିକ ସମ୍ଭାବନାର ଉପଯୋଗ ଦିଗରେ ଆସିଆନ୍-ଭାରତ ଏଫ୍ଟିଏ (ଏଆଇଟିଆଇଜିଏ)ର ସମୀକ୍ଷାକୁ ନିର୍ଦ୍ଧାରିତ ସମୟ ମଧରେ ଶେଷ କରିବା ର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆସିଆନ ଯୁବକମାନଙ୍କୁ ପ୍ରଦାନ କରାଯାଉଥିବା ବୃତ୍ତି ମାଧ୍ୟମରେ ଭାରତ-ଆସିଆନ୍ ଜ୍ଞାନ ଭାଗିଦାରୀର ଅଗ୍ରଗତି ବିଷୟରେ ମଧ ପ୍ରଧାନମନ୍ତ୍ରୀ କହିଥିଲେ ।

# ଆଇପିଏଲ୍‌କୁ ସହଯୋଗ କରିଥିଲେ ରତନ ଟାଟା





କେବଳ ଶିଳ୍ପ କି ବ୍ୟବସାୟ ନୁହେଁ, କ୍ରୀଡ଼ା କ୍ଷେତ୍ର ପ୍ରତି ରତନ ଟାଟାଙ୍କ ରହିଚି ଅବଦାନ । ୮୬ ବର୍ଷ ବୟସରେ ଆଖି ବୁଜିଛନ୍ତି ବିଶ୍ୱର ସୁପ୍ରତିଷ୍ଠିତ ଶିଳ୍ପପତି ରତନ ନବଲ ଟାଟା । ଭାରତର ଇକୋସିଷ୍ଟମ ପ୍ରତି ତାଙ୍କ ଅବଦାନ ଚିର ସ୍ମରଣୀୟ ରହିବ । କେବଳ ଶିଳ୍ପ କି ବ୍ୟବସାୟ ନୁହେଁ, କ୍ରୀଡ଼ା କ୍ଷେତ୍ର ପ୍ରତି ରତନ ଟାଟାଙ୍କର ବଳିଷ୍ଠ ଅବଦାନ ରହିଛି । ବହୁ ବିଶିଷ୍ଟ କ୍ରିକେଟରଙ୍କୁ ସଫଳତାର ପାହାଚ ଚଢ଼ିବାରେ ସହାୟତା କରିବା ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ବିପଦ ସମୟରେ ସହଯୋଗ କରିଥିଲେ ରତନ ଟାଟା ।

## ବିପଦ ବେଳେ ପ୍ରାୟୋଜକ

୨୦୨୦ରେ ଭାରତ ଏବଂ ଚୀନ୍ ମଧ୍ୟରେ ହୋଇଥିବା ସୀମା ବିବାଦ ସମୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ସହଯୋଗ କରିଥିଲା ଟାଟା ଗ୍ରୁପ୍ । କାରଣ ଏହି ସମୟରେ ପୂର୍ବରୁ ପ୍ରାୟୋଜକ ରହି ଆସିଥିବା ଚୀନର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀ ଭିଭୋ ସ୍ପୋନ୍ସରସିପ୍ ପ୍ରତ୍ୟାହାର କରି ନେଇଥିଲା । ଏହି ସମୟରେ ବିସିସିଆଇକୁ ସହାୟତାର ହାତ ବଢ଼ାଇଥିଲା ଟାଟା ।

ସେବେଠାରୁ ଆଇପିଏଲର ପ୍ରତ୍ୟକ ସିଜିନକୁ ସ୍ପୋନ୍ସର କରୁଛି ଟାଟା । ୨୦୨୪ ସିଜନ୍ ପର୍ଯ୍ୟନ୍ତ ଏହି ଚାରି ବର୍ଷ ମଧ୍ୟରେ ଟାଟା ଆଇପିଏଲ ଲିଗ୍ ସହ ୨୫୦୦ କୋଟି ଟଙ୍କାର ଡିଲ୍ କରି ରେକର୍ଡ ଭାଙ୍ଗିଛି । ରତନ ଟାଟାଙ୍କ ଏହି ସମର୍ଥନ କେବଳ ପୁରୁଷ ବର୍ଗଙ୍କ ପାଇଁ ନୁହେଁ, ମହିଳା କ୍ରିକେଟ ପ୍ରତି ମଧ୍ୟ ଅବଦାନ ରହିଛି । ଟାଟା ଗ୍ରୁପ୍ ୱମେନ୍ସ ପ୍ରିମିୟର ଲିଗକୁ ବି ପ୍ରାୟୋଜିତ କରିଥିଲା । ୨୦୨୩ରେ ବିସିସିଆଇ ଆରମ୍ଭ କରିବାଠାରୁ ଟାଟା ଏହାର ପ୍ରାୟୋଜକ ରହିଛି ଏବଂ ୨୦୨୭ ପର୍ଯ୍ୟନ୍ତ ଏହି ଡିଲ୍ କରାଯାଇଛି । ଟାଟା ୨୦୨୭ ପର୍ଯ୍ୟନ୍ତ ଘ୍ଳକକୁ ପ୍ରାୟୋଜିତ କରିବ ।

## କ୍ରିକେଟରଙ୍କୁ ତିଆରି କରିଥିଲା ଟାଟା ଗ୍ରୁପ୍ କମ୍ପାନୀ

ଭାରତର ପୂର୍ବତନ କ୍ରିକେଟର ଫାରୁଖ ଇଞ୍ଜିନିୟର, ମୋହିନ୍ଦର ଅମରନାଥ, ସଞ୍ଜୟ ମଞ୍ଜେରକର, ରବିନ ଉଥାପ୍ପା ଏବଂ ଭିଭିଏସ ଲକ୍ଷ୍ମଣଙ୍କ ପରି ଷ୍ଟାର୍ କ୍ରିକେଟରଙ୍କୁ ପ୍ଲାଟଫର୍ମ ଦେଇଥିଲା ଟାଟା ଗ୍ରୁପ୍ । ଟାଟା ଗ୍ରୁପ୍ ଅଧୀନରେ ଥିବା ବିଭିନ୍ନ କମ୍ପାନୀ ଏମାନଙ୍କୁ ସହାୟତାରେ ହାତ ବଢ଼ାଇଥିଲେ । ସେହିପରି ଜାଭଗଲ ଶ୍ରୀନାଥ, ହରଭଜନ ସିଂହ, ଯୁବରାଜ ସିଂହ ଏବଂ ମହମ୍ମଦ କୈଫଙ୍କୁ ମଧ୍ୟ ଟାଟା ଗ୍ରୁପ୍ ପ୍ଲାଟଫର୍ମ ପ୍ରଦାନ କରିଥିଲା । ବର୍ତ୍ତମାନର ଷ୍ଟାର୍ କ୍ରିକେଟର ଶାର୍ଦ୍ଧୁଲ ଠାକୁର ଏବଂ ଜୟନ୍ତ ଯାଦବ ମଧ୍ୟ ସଙ୍କଟ ସମୟରେ ଟାଟା ଗ୍ରୁପର ସହଯୋଗରେ ପରିଚିତ ହୋଇ ପାରିଛନ୍ତି । ଟାଟା ଗ୍ରୁପ୍ ଏହି କ୍ରିକେଟରମାନଙ୍କୁ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଯୁକ୍ତିର ସୁଯୋଗ ଦେବା ସହ ଖେଳ ଅଭ୍ୟାସ ପାଇଁ ସହଯୋଗ କରିଥିଲା । ଫଳରେ ଏମାନେ ପରବର୍ତ୍ତୀ ସମୟରେ କ୍ରିକେଟର ଭାବେ ପରିଚିତ ହେବାର ସୁଯୋଗ ପାଇଥିଲେ ।

# ରାଫେଲ ନାଡ଼ାଲଙ୍କ ଅବସର



ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ୍ ଖେଳାଳି ରାଫେଲ ନାଡ଼ାଲ ନିଜର ଦ୍ୱିତୀୟ ଖେଳକୁ ଅଲବିଦା କହିବାକୁ ନିଷ୍ପତ୍ତି ନେଇଛନ୍ତି । ୧୨ ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇଥିବା ନାଡ଼ାଲ ଭାବ ବିହ୍ୱଳ ହୋଇ ଭିଡ଼ିଓ ଜାରି କରି ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି । ଟେନିସ୍ ଖେଳ ପାଇଁ ପରିଚୟ ସୃଷ୍ଟି କରିଥିଲେ । ସମସ୍ତ ପସନ୍ଦର ଖେଳାଳି ହୋଇପାରିଥିଲେ ନଭେମ୍ବର ମାସରେ ହେବାକୁଥିବା ମର୍ଯ୍ୟାଦାଜନକ ଡେଭିସ୍ କପ୍‌ରେ ସ୍ପେନ୍ ପକ୍ଷରୁ ଶେଷ ଟୁର୍ଣ୍ଣାମେଣ୍ଟ ଖେଳିବେ । ଏହାପରେ ତାଙ୍କୁ ଟେନିସ୍ କୋଟରେ ଦେଖିବାକୁ ମିଳିବ ନାହିଁ । ୨୨ଥର ଗ୍ରାଣ୍ଡସ୍ଲାମ ଜିତିଥିବା ଟେନିସ୍ ଖେଳାଳି ୧୪ଥର ଫ୍ରେଞ୍ଚ ଓପନ ଜିତି ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ । ନାଡ଼ାଲଙ୍କ ନାଁରେ ମୋଟ୍ ୯୨ ଏଟିପି ଟାଇଟଲ୍ସ ରହିଛି । ଏହା ମଧ୍ୟରେ ୩୬ ମାଷ୍ଟର୍ସ ଟାଇଟଲ୍ସ ସହ ଗୋଟିଏ ଅଲିମ୍ପିକ୍ ମେଡ଼ାଲ ରହିଛି । ସିଙ୍ଗଲ୍ସରେ କ୍ୟାରିୟର ଗୋଲ୍ଡେନ ସ୍ଲାମ ଶେଷ କରିଥିବା ଟେନିସ୍ ଇତିହାସର ୩ ଖେଳାଳିଙ୍କ ମଧ୍ୟରେ ନାଡ଼ାଲ ଅନ୍ୟତମ । ନାଡ଼ାଲ କହିଛନ୍ତି ମୁଁ ପ୍ରଫେସନାଲ ଟେନିସ୍‌ରୁ ଅବସର ନେବାକୁ ଯାଉଛି । ବାସ୍ତବ କଥା ହେଲା କିଛି ବର୍ଷ ମୋ ପାଇଁ କଷ୍ଟକର ରହିଛି । ଶେଷ ଦୁଇ ବର୍ଷ ହେବ ଆହତ ଜନୀତ ସମସ୍ୟା ମୋ ପାଇଁ ଯନ୍ତ୍ରଣାଦାୟକ ଥିଲା । ନିଶ୍ଚିତ ଭାବେ ଏଭଳି ନିଷ୍ପତ୍ତି କଷ୍ଟକର ଥିଲା । ଏଥିରୁ ବାହାରିବା ପାଇଁ ମୋତେ କିଛି ଦିନ ସମୟ ଲାଗିବ । କିନ୍ତୁ ଏହି ଜୀବନରେ ଆରମ୍ଭ ଓ ଶେଷ ମଧ୍ୟ ରହିଛି । ଆହତ ସମସ୍ୟା ଯୋଗୁଁ ନାଡାଲ ଗତ ମାସରେ ଅନୁଷ୍ଠିତ ଲାଭେର କପ୍‌ରୁ ଓହରି ଯାଇଥିଲେ । ଅଲିମ୍ପିକ୍ସ ପରେ ସେ ଲାଭେର କପ୍‌ରେ ନଜର ଆସିବେ ବୋଲି କହିଥିଲେ । ୨୦୧୭ ଓ ୨୦୧୯ ପରେ ୨୦୨୨ରେ ରୋଜର ଫେଡେରରଙ୍କ ସହ ତାଙ୍କର ଶେଷ ମ୍ୟାଚରେ ନଜର ଆସିଥିଲେ ।

### ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍

ଶୁକ୍ରବାର କର ବା ମର ମ୍ୟାଚରେ ଗୁଜରାଟ ବ୍ରିଟ୍ସକୁ ଭେଟିବ କୋଣାର୍କ ସୂର୍ଯ୍ୟସ ଓଡ଼ିଶା







| TEAMS | MP | W | L | NR | NRR | PTS |
|---|---|---|---|---|---|---|
| SOUTHERN SUPERSTARS | 7 | 5 | 2 | 0 | +1.173 | 10 |
| TOYAM HYDERABAD | 7 | 3 | 3 | 1 | +0.265 | 7 |
| INDIA CAPITALS | 6 | 2 | 2 | 2 | -0.156 | 6 |
| MANIPAL TIGERS | 6 | 2 | 2 | 2 | -0.209 | 6 |
| KONARK SURYAS ODISHA | 6 | 2 | 2 | 2 | -0.458 | 6 |
| GUJARAT GREATS | 6 | 1 | 4 | 1 | -1.002 | 3 |

# ବ୍ରୁକ୍‌ଙ୍କ ତ୍ରିଶତକ



ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ପାକିସ୍ତାନ ବିପକ୍ଷ ଟେଷ୍ଟରେ ଇଂଲଣ୍ଡର ହ୍ୟାରିବ୍ରୁକ୍ସ ତ୍ରିଶତକ ହାସଲ କରିଛନ୍ତି । ଜାତୀୟ ଟେଷ୍ଟରେ ଦ୍ରୁତ ତ୍ରି-ଶତକ ହାସଲ କରିବାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବୀରେନ୍ଦ୍ର ସେହ୍ୱାଗଙ୍କ ନାଁରେ ଏବେ ବି ତ୍ରିଶତକ ରହିଛି । ଚେନ୍ନାଇରେ ଦ.ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ପୂରଣ କରିଥିଲେ । ସେହ୍ୱାଗଙ୍କ ପଛକୁ ବ୍ରୁକ୍ସ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେ ୩୧୦ ବଲ୍‌ରେ ଏହି ସଫଳତା ହାସଲ କରିଛନ୍ତି । ଜିମ୍ବାୱେ ବିପକ୍ଷରେ ଅଷ୍ଟ୍ରେଲିଆ ବ୍ୟାଟର ମ୍ୟାଥ୍ୟୁ ହେଡେନ୍ ୩୬୨ ବଲ୍‌ରେ ତ୍ରିଶକ୍ତ ହାସଲ କରି ତୃତୀୟ ସ୍ଥାନରେ ରହିଛନ୍ତି । ସେ ୩୮ ଚୌକା ଓ ୧୧ ଛକା ସହାୟତାରେ ୪୩୭ ବଲ୍‌ରେ ୩୮୦ ରନ୍ କରିଥିଲେ । ୨୦୦୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଭାରତର ବିସ୍ଫୋରକ ବ୍ୟାଟର ସେହ୍ୱାଗ ୩୬୪ ବଲ୍‌ରେ ତ୍ରିଶତକ ଅର୍ଜନ କରିଥିଲେ । ସେ ୩୯ ଚୌକା ଓ ୬ ଛକା ସହାୟତାରେ ୩୭୫ ବଲ୍‌ରୁ ୩୦୯ ରନ୍ କରିଥିଲେ । ଭାରତର ନାୟର ଇଂଲଣ୍ଡ ବିପକ୍ଷରେ ୩୦୩ ରନ୍ ଅପରାଜିତ ଇନିଂସ ଖେଳିଥିଲେ । ଆଡିଲେଡ୍‌ରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ପାକିସ୍ତାନ ବିପକ୍ଷରେ ୩୯ ଚୌକା ଓ ଗୋଟିଏ ଛକା ସହାୟତାରେ ୩୩୫ ରନ୍ ସଂଗ୍ରହ କରିଥିଲେ । ସେ ୩୮୯ ବଲ୍‌ରେ ୩୦୦ ରନ୍ ପୂରଣ କରିଥିଲେ । କ୍ରିସ୍ ଗେଲ ଶ୍ରୀଲଙ୍କା ବିପକ୍ଷରେ ୪୩୭ ବଲରେ ୩୩୩ ରନ୍ କରିଥିଲେ । ବ୍ରାଏନ୍ ଲାରା ଇଂଲଣ୍ଡ ବିପକ୍ଷରେ ୫୮୨ ବଲ୍‌ରୁ ୪୦୦ ରନ୍‌ର ଅବିସ୍ମରଣୀୟ ଇନିଂସ କରିଥିଲେ । ଲରେନ୍ସ ରୋୱେ ୪୩୦ ବଲ୍ ଏବଂ ପାକିସ୍ତାନର ଇଞ୍ଜାମମ୍ ଉଲ-ହକ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୩୬ ବଲରୁ ତ୍ରିଶତକ ହାସଲ କରିଥିଲେ ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"



ସ୍ୱ ଇଂ ସୌରେନ୍ଦ୍ର ମୋହନ ପ୍ରହରାଜ
ଭୁବନେଶ୍ୱର
ଆବିର୍ଭାବ: ୨୦.୦୬.୧୯୩୬
ତିରୋଧାନ: ୦୧.୧୦.୨୦୨୪
ତୁମର ଆକସ୍ମିକ ଅନୁପସ୍ଥିତି ଆମ ପାଇଁ ବିରାଟ କ୍ଷତି ପହଞ୍ଚାଇଛି । ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଆମ ଚଲାପଥ ପାଇଁ ପ୍ରେରଣାର ଉସ ହୋଇ ରହୁ । ଆଜି ଏହି ପବିତ୍ର ଏକାଦଶାହ ତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
:: ଶୋକସନ୍ତପ୍ତ ::
ପ୍ରହରାଜ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।













Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି